# ବାର୍ଷିକ ପାଠ୍ୟ ଯୋଜନା

# ଦଶମ ଶ୍ରେଣୀ – ପ୍ରଥମ ଭାଷା (ଓଡିଆ)

| କ୍ର.ସଂ | | ମାସ | ପଦ୍ୟ | ଗଦ୍ୟ | ଗଳ୍ପ ଓ ଏକାଙ୍କିକା | ବ୍ୟାକରଣ | ସୃଜନଶୀଳ |
|---|---|---|---|---|---|---|---|
| 1 | SA-I UPTO SEPTEMBER SYLLABUS | ଜୁନ | ମାନଗୋବିନ୍ଦଙ୍କ ମହାନତା | ଜନ୍ମଭୂମି | କଳିଯୁଗର ସମାପ୍ତି ଓ ମିଶ୍ରବାବୁ | ବାକ୍ୟ ବିଚାର ପଦ ବିନ୍ୟାସ | ପତ୍ରଲିଖନ |
| 2. | | ଜୁଲାଇ | ରାଘବଙ୍କ ଯାତ୍ରାନୁକୂଳ | ସଭ୍ୟତା ଓ ବିଜ୍ଞାନ | କାଳର କପୋଳ ତଳେ | ଶବ୍ଦବିଧି,ସାଧାରଣ ଅଶୁଦ୍ଧି(ପ୍ରଥମ ପାଞ୍ଚୋଟି),ଛନ୍ଦର ସଜ୍ଞା,ପ୍ରକାର ଭେଦ | ପ୍ରବନ୍ଧ(ସୃଜନ ଶୀଳ) |
| 3. | | ଅଗଷ୍ଟ | ଚିଲିକାରେ ସାୟନ୍ତନ(ମୁଖସ୍ଥ କବିତା) | ମାତୃଭାଷା ଓ ଲୋକ ଶିକ୍ଷା | ସୁର ସୁନ୍ଦରୀ | ବାକ୍ୟର ପ୍ରକାର ଭେଦ,ଅନୁବାଦ,ଅଳଙ୍କାରର ସଜ୍ଞା,ଶବ୍ଦାଳଙ୍କାର | ବିଜ୍ଞାପନ ପତ୍ର |
| 4. | | ସେପ୍ଟେମ୍ବର | ଚିଲିକାରେ ସାୟନ୍ତନ(ମୁଖସ୍ଥ କବିତା) | ନରେନ୍ଦ୍ରରୁ ବିବେକାନନ୍ଦ | ସୁର ସୁନ୍ଦରୀ | କ୍ରିୟାହୀନ ରୂଢି,ଲୋକବାଣୀ | ପ୍ରଚାର ପତ୍ର |
| 5. | SA-II UPTO DECEMBER SYLLABUS | ଅକ୍ଟୋବର | ମଙ୍ଗଳେ ଅଇଲା ଉଷା | ନରେନ୍ଦ୍ରରୁ ବିବେକାନନ୍ଦ | ବେଲ,ଅଶ୍ୱତ୍ଥ ଓ ବଟ ବୃକ୍ଷ | ବାକ୍ୟ ରୂପାନ୍ତର,କ୍ରିୟାଯୁକ୍ତ ରୂଢି | କଥୋପକଥନ (ସଂଳାପ),ଜୀବନୀ ତଥ୍ୟ(**Bio – Data )** |
| 6. | | ନଭେମ୍ବର | ଜାଗବନ୍ଧନ ହରା | ଓଡିଆ ସାହିତ୍ୟ କଥା | କୋଣାର୍କ | ଷଦ୍ବ - ବିଧି,ସାଧାରଣ ଅଶୁଦ୍ଧି(ଷଷ୍ଠରୁ ଶେଷ ପର୍ଯ୍ୟନ୍ତ),ଛନ୍ଦର ଅବଶିଷ୍ଟାଂଶ | ସାକ୍ଷାତକାର ପ୍ରଶ୍ନାବଳୀ |
| 7. | | ଡିସେମ୍ବର | ସର୍ବ ସଂହା ମାଟି | ଓଡିଆ ସାହିତ୍ୟ କଥା | କୋଣାର୍କ | ବାକ୍ୟ ସଂକ୍ଷେପଣ,ଅର୍ଥାଳଙ୍କାର | ବର୍ଣ୍ଣନା ମୂଳକ ପ୍ରବନ୍ଧ |
| 8. | SA - 3 ALL SYLLABUS | ଜାନୁଆରୀ | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି |
| 9. | | ଫେବୃଆରୀ | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି |
| 10. | | ମାର୍ଚ୍ଚ | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି | ପୁନରାବୃତ୍ତି |

# CONTINUOUS COMPREHESNSIVE EVALUATION

(ନିରନ୍ତର ସାମଗ୍ରୀକ ଆକଳନ)

10th class, First Language:Odia, paper- I

(ଦଶମ ଶ୍ରେଣୀ-ପ୍ରଥମ ଭାଷା: ଓଡିଆ, ପ୍ରଥମ ପତ୍ର-I)

ପ୍ରଥମ ପତ୍ରର ପାଠ୍ୟ ଖସଡା ( Part A & Part B )

Paper wise syllabus paper –I

## PART-A

* ପଦ୍ୟ ଓ ଗଦ୍ୟ ସମ୍ପର୍କିତ ପାଠର ପ୍ରଶ୍ନ ଦିଆଯିବ ।

| **ପଦ୍ୟ:** | **କବି:** |
|---|---|
| 1.ମାନଗୋବିନ୍ଦଙ୍କ ମହାନତା | ସାରଳା ଦାସ |
| 2. ରାଘବଙ୍କ ଲଙ୍କା ଯାତ୍ରାନୁକୂଳ | ଉପେନ୍ଦ୍ର ଭଞ୍ଜ |
| 3. ଚିଲିକାରେ ସାୟନ୍ତନ (ମୁଖସ୍ଥ ପଦ୍ୟ) | ରାଧାନାଥ ରାୟ |
| 4. ମଙ୍ଗଳେ ଅଇଲା ଉଷା | ଗଙ୍ଗାଧର ମେହେର |
| 5. ଜାଗ ବନ୍ଧନହରା | ଅନନ୍ତ ପଟ୍ଟନାୟକ |
| 6. ସର୍ବଂସହା ମାଟି | ବିଦ୍ୟୁତ୍‌ପ୍ରଭା ଦେବୀ |
| **ଗଦ୍ୟ:** | **ଲେଖକ:** |
| 7. ଜନ୍ମଭୂମି | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ |
| 8. ସଭ୍ୟତା ଓ ବିଜ୍ଞାନ | ବଂଶୀଧର ସାମନ୍ତରାୟ |
| 9. ମାତୃଭାଷା ଓ ଲୋକଶିକ୍ଷା | ଗୋଲୋକବିହାରୀ ଧଳ |
| 10. ନରେନ୍ଦ୍ରରୁ ବିବେକାନନ୍ଦ | ଶରତ କୁମାର ମହାନ୍ତି |
| 11. ଓଡିଆ ସାହିତ୍ୟ କଥା | ପ୍ରସ୍ତୁତି: ସିଲାବସ୍ କମିଟି |

- ପ୍ରତି ପଦାର୍ଥ
- ମୁଖସ୍ଥ ପଦ୍ୟ ପୂରଣ ସହ ସରଳାର୍ଥ
- କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ
- କବି/ଲେଖକ ପରିଚୟ
- ପଦ୍ୟ ଓ ଗଦ୍ୟର ପୃଷ୍ଠଭୂମି
- ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
- ପରିଚିତ ଗଦ୍ୟ(ଅନୁଚ୍ଛେଦ)

## PART-B

- ଶବ୍ଦାର୍ଥ
- ଭିନ୍ନାର୍ଥ ବୋଧକ ଶବ୍ଦ
- ପ୍ରତିଶବ୍ଦ
- ପାଠ୍ୟଗତ (ପଦ୍ୟ ଓ ଗଦ୍ୟ ) ପ୍ରଶ୍ନାବଳୀର ବ୍ୟାକରଣ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ
- ସାଧାରଣ ଅଶୁଦ୍ଧି
- 'ଣତ୍ୱ'ବିଧି,'ଷତ୍ୱ'ବିଧି
- ଛନ୍ଦ
- ଅଳଙ୍କାର
- ଅନୁବାଦ ପ୍ରକରଣ

## ଶିକ୍ଷାମାନ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ଶିକ୍ଷାମାନ ଭାରତ୍ୱ ସାରଣୀ | ମାର୍କ | ଶତକଡା |
|---|---|---|---|
| 1. | ବୋଧ - ଅନୁଚିନ୍ତନ | 12 | 30% |
| 2. | ବ୍ୟକ୍ତୀକରଣ-ସୃଜନଶୀଳ ପରିପ୍ରକାଶ | 18 | 45% |
| 3. | ଭାଷା ପ୍ରକରଣ(ବ୍ୟାକରଣ) | 10 | 25% |
| ମୋଟ | | 40 | 100% |

## ବିଷୟଗତ ଭାରତ୍ୱ ସାରଣୀ (Subject wise Weightage)

| କ୍ରମ ସଂଖ୍ୟା | ଶିକ୍ଷାମାନ | ମାର୍କ | ଶତକଡା |
|---|---|---|---|
| 1. | ପଦ୍ୟ | 17 | 43% |
| 2. | ଗଦ୍ୟ (ସ୍ୱୀୟ ରଚନା) | 13 | 32% |
| 3. | ଭାଷା ପ୍ରକରଣ( ବ୍ୟାକରଣ) | 10 | 25% |
| | ମୋଟ | 40 | 100% |

## ପ୍ରଶ୍ନଗତ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ପ୍ରଶ୍ନ ରୂପ | ପ୍ରଶ୍ନ ସଂଖ୍ୟା | ମାର୍କ | ମୋଟ ମାର୍କ | ଶତକଡା |
|---|---|---|---|---|---|
| 1. | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | 2<br>2 | 4<br>5 | 8<br>10 | 45% |
| 2. | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 4 | 2 | 8 | 20% |
| 3. | ନିର୍ଦ୍ଦିଷ୍ଟ ଉତ୍ତର ମୂଳକ | 20 | $\frac{1}{2}$ | 10 | 25% |
| 4. | ଅନୁଚ୍ଛେଦ ପ୍ରଶ୍ନ (ବୋଧ-ଅନୁଚିନ୍ତନ) | 4 | 01 | 4 | 10% |
| | ମୋଟ | 32 | | 40 | 100% |

## ପ୍ରଶ୍ନ ଗୁଡିକର ସ୍ୱଭାବଗତ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | କଠିନ ସ୍ତର | ମାର୍କ | ଶତକଡା |
|---|---|---|---|
| 1. | କଠିନ | 12 | 30% |
| 2. | ସରଳ | 16 | 40% |
| 3. | ସହଜ | 12 | 30% |
| | ମୋଟ | 40 | 100% |

# ଦଶମ ଶ୍ରେଣୀ – ଓଡିଆ (ପ୍ରଥମ ଭାଷା) ପ୍ରଥମ ପତ୍ର – I

## ଭାରତ୍ତ୍ୱ - ସାରଣୀ (BLUE PRINT)

| କ୍ରମ ସଂଖ୍ୟା | ଶିକ୍ଷାମାନ | ଭାବ ବୋଧ – ଅନୁଚିନ୍ତନ | | | | ବ୍ୟକ୍ତୀକରଣ – ସୃଜନ ଶୀଳ | | | | ଭାଷା ପ୍ରକରଣ | | | | ମୋଟ | | | |
|---|---|---|---|---|---|---|---|---|---|---|---|---|---|---|---|---|---|
| | ପାଠ୍ୟାଂଶ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତି କ୍ଷୁଦ୍ର | ନିର୍ଦ୍ଦିଷ୍ଟ |
| 1. | ପଦ୍ୟ | 2(4) | - | - | - | 1(5) | 2(2) | - | - | - | - | - | - | 1(5) 2(4) | 2(2) | - | - |
| 2. | ଗଦ୍ୟ | - | - | 4(1) | - | 1(5) | 2(2) | - | - | - | - | - | - | 1(5) | 2(2) | 4(1) | - |
| 3. | ଭାଷା ପ୍ରକରଣ (ବ୍ୟାକରଣ) | - | - | - | - | - | - | - | - | - | - | - | 20 (½ ) | - | - | - | 20 (½ ) |
| ମୋଟ ମାର୍କ | | 8 | - | 4 | - | 10 | 8 | - | - | - | - | - | 10 | 18 | 8 | 4 | 10 |
| | | 12 | | | | 18 | | | | 10 | | | | 40 | | | |

# ପ୍ରଶ୍ନଗତ ବିଶ୍ଳେଷଣ ସାରଣୀ

## ପ୍ରଥମ-ପତ୍ର (PART-A & B)

| କ୍ରମ ସଂଖ୍ୟା | ଶିକ୍ଷାମାନ | ପ୍ରଶ୍ନର ପ୍ରକାର ଭେଦ | ମାର୍କ | ପ୍ରଶ୍ନ ଗୁଡିକର ସ୍ୱଭାବ |
|---|---|---|---|---|
| I. | ବୋଧ- ଅନୁଚିନ୍ତନ | | 12 | |
| | | 1. ପ୍ରତି ପଦାର୍ଥ | 4 | 1. ପଠିତ ପଦ୍ୟଗୁଡିକ ମଧ୍ୟରୁ ପ୍ରତିପଦାର୍ଥ ପଦ୍ୟାଂଶଟି ଦିଆଯିବ । |
| | | 2. ପଦ୍ୟାଂଶପୂରଣ ଓ ସରଳାର୍ଥ | 4 | 2. 'ଚିଲିକାରେ ସାୟନ୍ତନ' କବିତାରୁ ପଦ୍ୟାଂଶ ପୂରଣ ସହ ସରଳାର୍ଥ ଦିଆଯିବ । |
| | | 3. ପରିଚିତ ଅନୁଚ୍ଛେଦ | 4 | 3. ପରିଚିତ ଅନୁଚ୍ଛେଦଟି ପଠିତ ଗଦ୍ୟ ମଧ୍ୟରୁ ଦିଆଯିବ ।(ପ୍ରଶ୍ନଗଠନ, ପ୍ରଶ୍ନରୁ ଉତ୍ତର, କଠିନ ଶବ୍ଦ ଗୁଡିକର ଅର୍ଥ,ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ,ପଦର ଅନୁଚ୍ଛେଦରୁ ସମ୍ପୂର୍ଣ୍ଣ ପ୍ରଶ୍ନ, ଉଦ୍ଦେଶ୍ୟ ,ବିଶ୍ଳେଷଣାତ୍ମକ ପ୍ରଶ୍ନ ଦିଆଯିବ । ) |
| II. | ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ(ସ୍ୱୀୟରଚନା) | | 18 | |
| | | 1. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 4X2=8 | 1. କ୍ଷୁଦ୍ର ଉତ୍ତରମୂଳକ ଚାରୋଟି ପ୍ରଶ୍ନ ମଧ୍ୟରୁ ଦୁଇଟି ପ୍ରଶ୍ନ୍ ପଦ୍ୟରୁ ଏବଂ ଦୁଇଟି ପ୍ରଶ୍ନ ଗଦ୍ୟରୁ ଦିଆଯିବ ।<br>★ ଚାରୋଟି ପ୍ରଶ୍ନ ମଧ୍ୟରୁ ଗୋଟିଏ କବି/ଲେଖକ ପରିଚୟ ମୂଳକ ପ୍ରଶ୍ନଟି ବାଧ୍ୟତାମୂଳକ ଭାବେ ଦିଆଯିବ ।<br>★ ଦ୍ୱିତୀୟ ପ୍ରଶ୍ନଟି ପଦ୍ୟ ବା ଗଦ୍ୟାର ପୃଷ୍ଠଭୂମି ସମ୍ପର୍କିତ ପ୍ରଶ୍ନ ଦିଆଯିବ<br>★ ଅନ୍ୟ ଦୁଇଟି ପ୍ରଶ୍ନ ଗଦ୍ୟ, ପଦ୍ୟରୁ ଦିଆଯିବ । |

| | | | | |
|---|---|---|---|---|
| | | 2. ଦୀର୍ଘ ଉତ୍ତରମୂଳକପ୍ରଶ୍ନ | 2X5=10 | 2.ପଦ୍ୟ ଭାଗର ଦୁଇଟି ପ୍ରଶ୍ନ ଦିଆଯିବ । (ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦେବେ ।)<br><br>★ ଗଦ୍ୟ ଭାଗର ଦୁଇଟି ପ୍ରଶ୍ନ ଦିଆଯିବ । (ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦେବେ ।) |
| III. | ଭାଷା ପ୍ରକରଣ (ବ୍ୟାକରଣ)<br><br>1. ଶବ୍ଦଭଣ୍ଡାର<br><br>2. ବ୍ୟାକରଣ | <br><br>ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ<br><br>ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ | 10<br><br>$10X\frac{1}{2}=5$<br><br>$10X\frac{1}{2}=5$ | ★ ଶବ୍ଦାର୍ଥ, ପ୍ରତିଶବ୍ଦ, ଭିନ୍ନାର୍ଥ ବୋଧକ ଶବ୍ଦଏବଂ ପାଠ୍ୟଗତ (ପଦ୍ୟ ଓ ଗଦ୍ୟ) ପ୍ରଶ୍ନାବଳୀର ବ୍ୟାକରଣ ସମ୍ବନ୍ଧୀୟ ପ୍ରଶ୍ନ ଦିଆଯିବ । (କେବଳ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।)<br>★ ସାଧାରଣ ଅଶୁଦ୍ଧି, ଣତ୍ୱବିଧି, ଷତ୍ୱବିଧି, ଛନ୍ଦ, ଅଳଙ୍କାର ଓ ଅନୁବାଦ ପ୍ରକରଣ ସମ୍ପର୍କୀତ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ କେବଳ ଦିଆଯିବ । |

# ପ୍ରଶ୍ନଗତ ବିଶ୍ଳେଷଣ

## ପ୍ରଥମ ଭାଷା : ଓଡିଆ (ପ୍ରଥମ ପତ୍ର-I)

### PART-B

**(କ) ଶବ୍ଦ ଭଣ୍ଡାର** : ଏଥିରୁ ଶବ୍ଦାର୍ଥ, ଭିନ୍ନାର୍ଥବୋଧକ ଶବ୍ଦ, ପ୍ରତିଶବ୍ଦ ଏବଂ ପାଠ୍ୟଗତ ପ୍ରଶ୍ନାବଳୀର ବ୍ୟାକରଣ ସମ୍ବନ୍ଧୀୟ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।

**1. ଶବ୍ଦାର୍ଥ** : ପ୍ରଶ୍ନଟି ବାକ୍ୟ ରୂପରେ ଦିଆଯିବ । ସେଥିରୁ ରେଖାଙ୍କିତ ଶବ୍ଦଟିର ଅର୍ଥ ତଳେ ଦିଆଯାଇଥିବା ବହୁବିକଳ୍ପ ଉତ୍ତରରୁ ଚିହ୍ନଟ କରିବେ ।

**2. ଭିନ୍ନାର୍ଥବୋଧକ ଶବ୍ଦ :** ପ୍ରଶ୍ନଟି ବାକ୍ୟ ରୂପରେ ଦିଆଯିବ । ସେଥିରୁ ରେଖାଙ୍କିତ ଶବ୍ଦଟିର ଅର୍ଥ ତଳେ ଦିଆଯାଇଥିବ ।ବହୁବିକଳ୍ପ ଉତ୍ତରରୁ ଚିହ୍ନଟ କରିବେ ।

**3. ପ୍ରତିଶବ୍ଦ** : ପ୍ରଶ୍ନଟି ବାକ୍ୟ ରୂପରେ ଦିଆଯିବ । ସେଥିରୁ ରେଖାଙ୍କିତ ଶବ୍ଦଟିର ଅର୍ଥ ତଳେଦିଆଯାଇଥିବା ବହୁବିକଳ୍ପ ଉତ୍ତରରୁ ଚିହ୍ନଟ କରିବେ ।

**4. ପାଠ୍ୟଗତ ନିର୍ଦ୍ଦିଷ୍ଟ ପ୍ରଶ୍ନାବଳୀ:** ପାଠ୍ୟଗତ ପ୍ରଶ୍ନାବଳୀର ବ୍ୟାକରଣ ସମ୍ବନ୍ଧୀୟ ପ୍ରଶ୍ନଦିଆଯିବ ।

**(ଖ)ବ୍ୟାକରଣ** : ଏଥିରୁ ସାଧାରଣ ଅଶୁଦ୍ଧି, 'ଣତ୍ୱ'ବିଧି ,'ଷତ୍ୱ' ବିଧି,ଛନ୍ଦ,ଅଳଙ୍କାର ଓ ଅନୁବାଦ ପ୍ରକରଣ ସମନ୍ଧୀୟ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।

**5. ସାଧାରଣ ଅଶୁଦ୍ଧି** : ବାକ୍ୟ ରୂପରେ ଦିଆଯାଇଥିବା ପ୍ରଶ୍ନଟିର ରେଖାଙ୍କିତ ଅଶୁଦ୍ଧି ଶବ୍ଦ/ବାକ୍ୟଟିର ଶୁଦ୍ଧରୂପ ତଳେ ଦିଆଯାଇଥିବା ବହୁବିକଳ୍ପ ଉତ୍ତରରୁ ଚିହ୍ନଟ କରିବେ ।

**6. 'ଣତ୍ୱ','ଷତ୍ୱ' ବିଧି** : 'ଣତ୍ୱ','ଷତ୍ୱ' ବିଧିରୁ ବାକ୍ୟରୂପରେ ଦିଆଯାଇଥିବା ପ୍ରଶ୍ନଟିର ଉତ୍ତର ବହୁବିକଳ୍ପ ଉତ୍ତରରୁ ଚିହ୍ନଟ କରିବେ ।

**7. ଛନ୍ଦ** : ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।

**8. ଅଳଙ୍କାର** : ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।

**9. ଅନୁବାଦ ପ୍ରକରଣ** : ଏଥିରୁ ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।

# ସଂଗ୍ରହଣାତ୍ମକ ଆକଳନ -1

## <u>ନମୂନା ପ୍ରଶ୍ନ ପତ୍ର</u>

### ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

**SUMMATIVE ASSESSMENT-I (Model Paper)**
**First Language-Odia (Paper-I)**
**PART-A & B**

**[X –Class] [Max.Marks : 40] [ Time : 2.45 Hours]**

**Student Name: …………………………………. Roll No:…………………………..**

---

ସୂଚନା : 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।
2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।
3.Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।
4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## <u>PART-A</u>

**I.ବୋଧ-ଅନୁଚିନ୍ତନ ।** [12ମାର୍କ ]

**କ]** ଯେକୌଣସି ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । [ 1x4=4 ]

**1.** ରଜନୀ ପ୍ରଭାତରେ ଦେଖିଲା ଧୃତିରାଷ୍ଟ୍ର
ପାଞ୍ଚାଳୀ କୁମରଂକର ଶିର ପାଞ୍ଚଗୋଟି ।
ମୂର୍ଚ୍ଛାଗତ ହୋଇଲା ଦେଖି ମାନଗୋବିନ୍ଦ
ହାହା ଦଇବ ବୋଲି କପୋଳେ କରଧିନ୍ଦ ।

(କିମ୍ବା)

ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।
ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର
ବରଗିଲା ସେ ଶୁକସାରଣ କରି ଚାର ଯେ ।

**ଖ]** ଯେକୌଣସି ଗୋଟିଏ ପଦ୍ୟାଂଶ ପୂରଣ କରି, ସରଳାର୍ଥ ଲେଖ । [1x4=4]

**2.** ଭାଲେରି ଶିଖରେ ______________________
______________________________
______________________________
_________________________ ଚିଲିକା-ମାରୁତ,

(କିମ୍ବା)

"ହସନ୍ତି ଚୌଦିଗେ ___________________________

_______________________________________

_______________________________________

___________________________ କଥାରେ ସଙ୍ଗାତ"

ଗ]  ନିମ୍ନୋକ୍ତ ପରିଚିତ ଗଦ୍ୟାଂଶଟି ପଢି, ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ ।  [4x1=4]

କାହାକୁ ମୋର ଜନ୍ମଭୂମି ବୋଲି କହିବି-ଏହି ବିଶାଳ ପୃଥିବୀ,ବିଶାଳ ଏସିଆ ମହାଦେଶ,ବିଶାଳ ଭାରତ ବର୍ଷ,ଓଡିଶା ଦେଶ ବା ମୋର ଜନ୍ମସ୍ଥାନ ପଲ୍ଲୀଗ୍ରାମ ? ଏମାନଙ୍କ ମଧ୍ୟରୁ କେହି କାହାରି ଠାରୁ ବିଛିନ୍ନ ହୋଇ ନଥିବାରୁ ବ୍ୟାପକ ଅର୍ଥରେ ଏ ସମସ୍ତ ମୋର  ଜନ୍ମଭୂମି ହେଲେ ହେଁ ମାତୃଗର୍ଭରୁ ପଡି ଯେଉଁଠାରେ ପ୍ରଥମେ ଭୂମି ସ୍ପର୍ଶ କଲି-ଯେଉଁଠାରେ ରୂପ, ରସ,ଗନ୍ଧ,ସ୍ପର୍ଶରେ ପ୍ରଥମ ପରିଚୟ ପାଇଲି-ବିଷମ ବିପାକ ବେଳେ ଯେ ଅଞ୍ଚଳ ଫଳ, ପୁଷ୍ପ, ଶାକ, ତଣ୍ଡୁଳ ଢାଳିଦେଇ ଶିଶୁପ୍ରାଣକୁ ପରିପୃଷ୍ଟ କଲା,ସେହି ପଲ୍ଲୀ ହିଁ ମୋର ଜନ୍ମଭୂମି;ସେହି ମୋର ମାତା,ଧାତ୍ରୀ ଓ ଶିକ୍ଷୟିତ୍ରୀ ଆୟୁ ସୂର୍ଯ୍ୟ ଯେତେ ବେଶୀ ଘନିଷ୍ଟ ହେବାର କଥା କିନ୍ତୁ ଏ ସମନ୍ଧ ଦିନକୁ ଦିନ କ୍ଷୀଣହୋଇ ଯେପରି କି ଲୀନହେବାକୁ ବସିଛି ।

ପ୍ରଶ୍ନ:3]ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମା ବୋଲି ଭାବିଛନ୍ତି କାହିଁକି ?

4]ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟତ୍ରୀ କହିବାର କାରଣ କ'ଣ ?

5]ଜନ୍ମଭୂମି କହିଲେ କାହାକୁ ବୁଝାଏ ?

6]" ଏ ସମସ୍ତ ମୋର ଜନ୍ମଭୂମି " – ଏହି ବାକ୍ୟାଂଶରେ 'ଏ ସମସ୍ତ' କାହାକୁ ବୁଝାଉଛି ?

**II. ସ୍ଵୀୟ ରଚନା (ବ୍ୟକ୍ତୀକରଣଓ ସୃଜନଶୀଳ ପରିପ୍ରକାଶ) ।**  [18 ମାର୍କ]

ଘ] ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଚାରି କିମ୍ବା ପାଞ୍ଚ ଧାଡିରେ ଲେଖ ।  [4x2=8]

7] କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପରିଚୟ ପ୍ରଦାନ କର ?

8]"ମାନ ଗୋବିନ୍ଦଙ୍କ ମହାନତା" କବିତାର ପୃଷ୍ଟଭୂମି ଲେଖ ?

9] ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି କାହିଁକି ?

10] ଭାରତୀୟ ସଭ୍ୟତାର ଆଦର୍ଶ କ'ଣ ବୁଝାଇ ଲେଖ ?

ଙ] ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦଶ କିମ୍ବା ବାର ଧାଡିରେ ଲେଖ ।  [2x5=10]

11] ମାନଗୋବିନ୍ଦଙ୍କ ବିଳପିତ ପିତୃତ୍ଵ କିପରି କବିତାଟିରେ ପ୍ରକାଶିତ ହୋଇଛି-ଉଲ୍ଲେଖ କର ।

(କିମ୍ବା)

ଲଙ୍କା ଯାତ୍ର ନିମନ୍ତେ ରାଘବଙ୍କ ପ୍ରୟାସ ବର୍ଣ୍ଣନା କର ?

12] ଜନ୍ମଭୂମି ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ? ନିଜ ଭାଷାରେ ଲେଖ ।

(କିମ୍ବା)

ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

01-(O)B

# ସଂଗ୍ରହଣାତ୍ମକ ଆକଳନ -1

## ନମୂନା ପ୍ରଶ୍ନ ପତ୍ର

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

## SUMMATIVE ASSESSMENT-I (Model Paper)

## First Language-Odia (Paper-I)

## PART- B

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

**Student Name: ………………………….** **Roll No:……………………**

| ଶିକ୍ଷାମାନ | I<br>ବୋଧ-ଅନୁଚିନ୍ତନ | II<br>ବ୍ୟକ୍ତୀକରଣ ଓସୃଜନଶୀଳ ପରିପ୍ରକାଶ | III<br>ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

**ସୂଚନା: 1.**ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

2.Part-Bସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## PART-B

**III. ଭାଷା ପ୍ରକରଣ (ଶବ୍ଦଭଣ୍ଡାର,ବ୍ୟାକରଣ)** $20x\frac{1}{2}=10$

1. ମୂର୍ଚ୍ଛାଗତ ହୋଇଲା ଦେଖି ମାନ ଗୋବିନ୍ଦ
   ହା ହା ଦଇବ ବୋଲି <u>କପୋଳେ</u> କରଧିନ୍ଦ ।
   ରେଖାଙ୍କିତ ପଦଟିର ଅର୍ଥ କ'ଣ ହେବ ? ( )
   କ) କପାଳରେ ଖ) ଛାତିରେ
   ଗ) ପାଟିରେ ଘ) ମଥାରେ
2. ଗ୍ରାମଟିଯାକ <u>ନବାଗତ</u> ଅତିଥିରେ ପରିପୂର୍ଣ୍ଣ ହୋଇ ଗଲାଣି ।
   ରେଖାଙ୍କିତ ପଦଟିର ଅର୍ଥ ଏହା ହେବ । ( )
   କ) କାଲି ଆସିଥିବା ଖ) ନୂଆକରି ଆସିଥିବା
   ଗ) ଭବିଷ୍ୟତରେ ଆସିବା ଘ) ଆଜି ଆସିବା
3. <u>ରଜନୀ</u> ପ୍ରଭାତରେ ଦେଖିଲା ଧୃତିରାଷ୍ଟ୍ରି,
   ପାଞ୍ଚାଳୀ କୁମରଙ୍କର ଶିର ପାଞ୍ଚଗୋଟି ।
   ରେଖାଙ୍କିତ ପଦଟିର ଦୁଇଟି ପ୍ରତି ଶବ୍ଦ କ'ଣ ହେବ? ( )
   କ) ଦିନ,ରାତି ଖ) ସନ୍ଧ୍ୟା,ସକାଳ
   ଗ) ରାତ୍ରି,ନିଶା ଘ) ମଧ୍ୟାହ୍ନ,ପୂର୍ବାହ୍ନ

4. ସ୍ୱାଧୀନତା ଦିବସ ଦିନ ଭାରତ ବର୍ଷରେ ଧ୍ୱଜା ଫରଫର ହୋଇ ଉଡେ ।

ରେଖାଙ୍କିତ ପଦଟିର ଦୁଇଟି ପ୍ରତିଶବ୍ଦ ଏହା ହେବ । ( )

କ) ଶଙ୍ଖ,ଚକ୍ର ଖ) ପତାକା,ବାନା

ଗ) ଶୈଳ,ଗିରି ଘ) ଗଜ,କରୀ

5. ରାମଚନ୍ଦ୍ର ସୂର୍ଯ୍ୟବଂଶରେ ଜନ୍ମଗ୍ରହଣ କରିଥିଲେ ।

ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ଏହା ହେବ । ( )

କ) ଦଳ ଖ) ଫଳ

ଗ) ଡାଳ ଘ) ବାଉଁଶ

6. ଦୁଇ ପକ୍ଷରେ ଏକ ମାସ ହୁଏ ।

ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ଏହା ହେବ । ( )

କ) ଆକାଶ ଖ) ମେଘ

ଗ) ଡେଣା ଘ) ପୃଥିବୀ

7. ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର ଅନାହାରରେ ରହିଲେ ।

ରେଖାଙ୍କିତ ଶବ୍ଦଟିର ବିପରୀତ ଶବ୍ଦ କ'ଣ ହେବ? ( )

କ) ହର୍ଷ ଖ) ଦରଜ

ଗ) ବିଷର୍ଣ୍ଣ ଘ) ଦୁଃଖ

8. ମାନବ ଯେଉଁ ବୈଷୟିକ ଶାରୀରିକ ଜ୍ଞାନ ସାଧନ କରିଥାଏ, ଆମେ ତାକୁ ସଭ୍ୟତା ଆଖ୍ୟା ଦେଇଥାଉ ।

ରେଖାଙ୍କିତ ପଦଟିର ପ୍ରକୃତି ପ୍ରତ୍ୟୟ ନିର୍ଣ୍ଣୟ କର । ( )

କ) ଶରୀର+ଇ ଖ) ଶରିର+ଈ

ଗ) ଶରିର+ ଘ) ଶାରିର

9. ଏହା ଭିତରେ ମୋର ପୂନର୍ଜନ୍ମ ଘଟିଯାଇଛି ।

ରେଖାଙ୍କିତ ପଦଟିର ସଠିକ୍ ସନ୍ଧିଟି କ'ଣ ହେବ? ( )

କ) ପୁନ+ଜନ୍ମ ଖ) ପୁନର+ଜନ୍ମ

ଗ) ପୁନଃ+ଜନ୍ମ ଘ) ପୁନଃ+ର୍ଜନ୍ମ

10. ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣପରି ଭାଷିଚାଲିଛି ।

ରେଖାଙ୍କିତ ପଦଟି କିପରି ଗଠିତ ହୋଇଛି । ( )

କ) ଶୋସ୍+ତ ଖ) ଶୁଷ୍+କ

ଗ) ଶୁଷ୍+ତ ଘ) ଶୋଷ୍+କ

11. ମୁଁ ତୁମର ଉଜ୍ୱଳ ଭବିଷ୍ୟତ କାମନା କରୁଛି ।

ରେଖାଙ୍କିତ ପଦଟିର ଶୁଦ୍ଧ କ'ଣ ହେବ ? ( )

କ) ଉତ୍‌ଜଳ ଖ) ଉତ୍‌ଜ୍ୱଳ

ଗ) ଉଜଳ ଘ) ଉଜ୍ୱଳ

12. ପିଲାଟି <u>ସଂକ୍ଷିପ୍ତରେ</u> ଉତ୍ତର ଦେଲା ।

ରେଖାଙ୍କିତ ପଦଟିର ଶୁଦ୍ଧ ରୂପ କ'ଣ ହେବ ? ( )

କ) ସଂକ୍ଷେପରେ ଖ) ସଂକ୍ଷିପ୍ତ

ଗ) ସକ୍ଷେପ ଘ) ସଂଯୋଗ

13. "ଣତ୍ୱ" ବିଧି ଏହାକୁ କୁହାଯାଏ । ( )

କ) 'ଣ' ସ୍ଥାନରେ 'ନ' ଖ) 'ନ' ସ୍ଥାନରେ 'ନ'

ଗ) 'ନ' ସ୍ଥାନରେ 'ଣ' ଘ) 'ଣ' ସ୍ଥାନରେ 'ଣ'

14. Diwali is the festival of lights.

ଏହି ବାକ୍ୟଟିକୁ ଓଡିଆରେ ଅନୁବାଦ କଲେ ଏହା ହେବ । ( )

କ) ଦୀପାବଳୀ ହେଉଛି ଅନ୍ଧାରର ପର୍ବ । ଖ) ଦୀପାବଳୀ ହେଉଛି ଆଲୋକର ପର୍ବ ।

ଗ) ଦୀପାବଳୀ ହେଉଛି ନକ୍ଷତ୍ର ମାନଙ୍କ ପର୍ବ । ଘ) ଦୀପାବଳୀ ହେଉଛି ହିନ୍ଦୁ ମାନଙ୍କ ପର୍ବ ।

15. ପଦ ବା କବିତା ରଚନାରେ ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ ଏହା କୁହାଯାଏ । ( )

କ) ଅଳଙ୍କାର ଖ) ରୂଢି

ଗ) ଛନ୍ଦ ଘ) ଲୋକବାଣୀ

16. ସାଧାରଣତଃ ଛନ୍ଦକୁ ନିମ୍ନ ଭାଗରେ ବିଭକ୍ତ କରାଯାଇଛି । ( )

କ) ଏକ ଖ) ଦୁଇ

ଗ) ତିନି ଘ) ଚାରି

17. ମିତ୍ରାକ୍ଷର ଛନ୍ଦ କେତେ ଭାଗରେ ବିଭାକ୍ତ ( )

କ) ଦୁଇ ଖ) ଚାରି

ଗ) ପାଞ୍ଚ ଘ) ତିନି

18. ସାହିତ୍ୟକୁ ସରସ ସୁନ୍ଦର ରମଣୀୟ କରିବାକୁ ଯେଉଁ ସୌନ୍ଦର୍ଯ୍ୟ ବୋଧକ ଉପାଦାନ ଆବଶ୍ୟକ ହୁଏ, ତାହାକୁ ଏହା କୁହାଯାଏ । ( )

କ) ଛନ୍ଦ ଖ) ଅଳଙ୍କାର

ଗ) ଗଦ୍ୟ ଘ) ପଦ୍ୟ

19. ପଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ ଏହି ଅଳଙ୍କାର ହୁଏ? ( )

କ) ଉପମା ଖ) ଉତପେକ୍ଷା

ଗ) ଅନୁପ୍ରାସ ଘ) ଯମକ

20. ଦେଖରେ ନଳିନି । ନଳିନୀ ନଳିନୀରେ ପୁରିତ

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

ଏହା ନିମ୍ନ ଅଳଙ୍କାରର ଉଦାହରଣ । ( )

କ) ଯମକ ଖ) ଶ୍ଳେଷ

ଗ) ଉପମା ଘ) ଉତ୍ପ୍ରେକ୍ଷା

# ସଂଗ୍ରହଣାତ୍ମକ ଆକଳନ -II

## ନମୁନା ପ୍ରଶ୍ନ ପତ୍ର

### ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

**SUMMATIVE ASSESSMENT-II (Model Paper)**
**First Language-Odia (Paper-I)**
**PART-A & B**

**[X –Class]** **[Max.Marks : 40]** **[ Time : 2.45 Hours]**

**Student Name: ………………………………….** **Roll No:…………………………..**

---

**ସୂଚନା :** 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।
2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।
3.Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।
4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## PART-A

**I.ବୋଧ-ଅନୁଚିନ୍ତନ ।** [12ମାର୍କ ]

**କ]** ଯେକୌଣସି ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । [ 1x4=4 ]

**1.** ବିଭୂତିକ ଭୁଞ୍ଜୁଥିଲୁ ବୁଭୂତି ଭୂଷଣେ
ବଡକୁଳେ ଜନମି ଶରଣ କି କାରଣ ଯେ ?
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃତ୍ୱ ବାହୁଡାଅ ସୈନ୍ୟ ଯେ ।

(କିମ୍ବା)

ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
" ଉଠ ସତୀ ରାଜ୍ୟ-ରାଣୀ,ରାତି ପାହିଲା ।

**ଖ]** ଯେକୌଣସି ଗୋଟିଏ ପଦ୍ୟାଂଶ ପୂରଣ କରି, ସରଳାର୍ଥ ଲେଖ । [1x4=4]

**2.** ଧନ୍ୟ ରଥୋ! ________________________
________________________
________________________
________________________ତୁମ୍ଭେ ଆୟୁଷ୍ମାନ ।

(କିମ୍ବା)

ଭବେ ପାପମୂର୍ତ୍ତି ________________________

__________________________________

__________________________________

______________________ ଡେଇଁ ଦେବେ ପ୍ରାଣ ।

ଗ] ନିମ୍ନୋକ୍ତ ପରିଚିତ ଗଦ୍ୟାଂଶଟି ପଢି, ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ । [4x1=4]

ଆମ ଦେଶରେ ଭାଷା ସମସ୍ୟା କହିଲା ମାତ୍ରେ ଲୋକେ ବୁଝନ୍ତି ହିନ୍ଦୀ-ଇଂରେଜୀ ବିବାଦକଥା । ଆଞ୍ଚଳିକ ଭାଷା କଥାଟା ମନକୁ ଆସେ ନାହିଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆଞ୍ଚଳିକ ଭାଷାହେଉଛି ଜନତାର ପ୍ରଥମ ପ୍ରୟୋଜନ ।ଅନ୍ନବସ୍ତ୍ର ପରି ତାର ଦରକାର ନିଜର ଭାଷା ।ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକଦେଲେ ଭାଷା କ୍ଷେତ୍ରରେ ସେମିତି ଇଂରାଜୀ ଛାଡି ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଘୋଷଣା କଲେ ।ତାଙ୍କର ଡାକ ହେଲା କେନ୍ଦ୍ରଭାଷା ହେବ ହିନ୍ଦୀ ଓ ଭିନ୍ନଭିନ୍ନ ରାଜ୍ୟଗୁଡିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା ଅର୍ଥାତ ରାଜ୍ୟ ଲୋକମାନଙ୍କର ମାତୃଭାଷା । ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ, ତାକୁ କେବେ ଦେଶଭକ୍ତ କୁହାଯାଇ ପାରେନା ।

**ପ୍ରଶ୍ନ:-3]**ଭାଷା ସମସ୍ୟା କହିଲେ ଲୋକେ କ'ଣ ବୁଝନ୍ତି ?

4]ଜନତାର ପ୍ରଥମ ପ୍ରୟୋଜନ କ'ଣ ?

5]ଗାନ୍ଧିଜୀ ମାତୃଭାଷାକୁ କାହାସହ ତୁଳନା କରିଥିଲେ ?

6]ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?

**II. ସ୍ୱୀୟ ରଚନା (ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ) ।** [18 ମାର୍କ]

ଘ]ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଚାରି କିମ୍ବା ପାଞ୍ଚ ଧାଡିରେ ଲେଖ । [4x2=8 ]

7]ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପରିଚୟ ପ୍ରଦାନ କର?

8]"ରାଘବଙ୍କ ଲଙ୍କାଯାତ୍ରାନୁକୂଳ" କବିତାର ପୃଷ୍ଠଭୂମି ଲେଖ ?

9]ରୋମୀୟ ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ଲେଖ ?

10]ଦୁର୍ଯ୍ୟୋଧନଙ୍କୁ ମାନଗୋବିନ୍ଦ କହିବା ତାତ୍ପର୍ଯ୍ୟ କ'ଣ ?

ଙ] ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦଶ କିମ୍ବା ବାର ଧାଡିରେ ଲେଖ । [2x5=10]

11] କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବ ଭଳି ସମ୍ବେଦନଶୀଳ-ପଠିତ କବିତାକୁ ଭିତ୍ତିକରି ଆଲୋଚନା କର ।

(କିମ୍ବା)

ଦେବୀ ସୀତାଙ୍କୁ ଉଦ୍ଧାର କରିବା ନିମନ୍ତେ ରାମଚନ୍ଦ୍ର କି ପଦକ୍ଷେପ ନେଇଥିଲେ ପଠିତ କବିତାନୁଯାୟୀ ନିଜ ଭାଷାରେ ଲେଖ ।

12] "ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ" ଉକ୍ତିଟିର ସତ୍ୟତା ପ୍ରତିପାଦନ କର ।

(କିମ୍ବା)

ଅଧ୍ୟୟନରୁ ଅର୍ଜିତଜ୍ଞାନ, ଅଭିଜ୍ଞତା ଓ ଜୀବନର ନିବିଡ ଅନୁଭୂତିରୁ ଜୀବନ୍ୟାସ ପାଇ କ୍ରିୟାଶୀଳ ହୁଏ - ପଠିତ ପ୍ରବନ୍ଧ ଅନୁସରଣରେ ଏ ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

01-(O)B

# ସଂଗ୍ରହଣାତ୍ମକ ଆକଳନ -II

## <u>ନମୂନା ପ୍ରଶ୍ନ ପତ୍ର</u>

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

## SUMMATIVE ASSESSMENT-II (Model Paper)
## First Language-Odia (Paper-I)
## PART- B

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

| ଶିକ୍ଷାମାନ | I ବୋଧ-ଅନୁଚିନ୍ତନ | II ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | III ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

ସୂଚନା: 1.ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

2.Part-Bସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## <u>PART-B</u>

**III. ଭାଷା ପ୍ରକରଣ (ଶବ୍ଦଭଣ୍ଡାର,ବ୍ୟାକରଣ)** $20x\frac{1}{2}=10$

1. ରାବଣ ଶୁକସାରଣଙ୍କୁ ଦୂତକରି <u>ବରଗିଲା</u> ।
   ରେଖାଙ୍କିତ ପଦଟିର ଅର୍ଥ ଏହା ହେବ । ( )
   କ) ଶୁଣାଇଲା ଖ) ପଠାଇଲା ଗ) ଖୁଆଇବା ଘ) ଶିଖାଇଲା
2. <u>ଅଭିଜାତ</u> ଘରର ପିଲାମାନେ ମାନ ମର୍ଯ୍ୟାଦାର ସହ ଚଳନ୍ତି ।
   ରେଖାଙ୍କିତ ଶବ୍ଦଟିର ଅର୍ଥ ଏହା ହେବ । ( )
   କ) ସମ୍ଭ୍ରାନ୍ତ ଖ) ସାମନ୍ତ ଗ) କ୍ଷତ୍ରିୟ ଘ) ବ୍ରାହ୍ମଣ
3. <u>ସମୁଦ୍ର</u>ର ଅକାତ ପାଣିରେ ନୌକାଗୁଡିକ ଭାସନ୍ତି ।
   ରେଖାଙ୍କିତ ପଦଟିର ଦୁଇଟି ପ୍ରତି ପଦାର୍ଥ ଏହା ହେବ । ( )
   କ) ପୃଥିବୀ,ଧରତ୍ରୀ ଖ) ନଦୀ,ନାଳ ଗ) ସାଗର,ସିନ୍ଧୁ ଘ) ଅନୀଳ,ସମୀର
4. <u>ଗୃହସ୍ଥ</u> ଜୀବନ ସୁଖମୟ ହୋଇଥାଏ ।
   ରେଖାଙ୍କିତ ପଦଟିର ପ୍ରତିଶବ୍ଦ ଏହା ହେବ । ( )
   କ) ବ୍ରହ୍ମଚାରୀ,ବୈରାଗୀ ଖ)ସନ୍ନ୍ୟାସୀ, ଋଷି ଗ) ମହର୍ଷି,ଦେବର୍ଷି ଘ) ସଂସାରୀ,ଗୃହୀ
5. ଦିଗଙ୍ଗନା ଶ୍ୱେତ<u>ବାସ</u> ପରିଧାନ କରି ଉଭାହେଲେ ।
   ରେଖାଙ୍କିତ ପଦଟିର ଭିନ୍ନାର୍ଥ ଏହା ହେବ । ( )
   କ) ଘର ଖ) ଅଳଙ୍କାର ଗ) ପୁଷ୍ପ ଘ) ମୁକୁଟ

6. ମଣିଷ ଜୀବନରେ ସୁଖଦୁଃଖ ଅନୁଭବ କଇଥାଏ ।
   ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ଏହା ହେବ । ( )
   କ) ଅନୁଭୂତି ଖ) ପ୍ରୟାଣ ଗ) ଜଳ ଘ) ଅଭିଜ୍ଞତା
7. ସନ୍ଧ୍ୟା ଅତିକ୍ରାନ୍ତ ହେବା ପରେ ଆକାଶରେ ଚନ୍ଦ୍ରୋଦୟ ହୁଏ ।
   ରେଖାଙ୍କିତ ପଦଟିର ବିପରୀତ ଅର୍ଥ ଏହା ହେବ । ( )
   କ) ରାତି ଖ) ପ୍ରାତଃ ଗ) ଦିବା ଘ) ଗୋଧୂଳି
8. ବିଜ୍ଞାନ ଦ୍ୱାରା ମଣିଷର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ।
   ରେଖାଙ୍କିତ ପଦଟିର ପ୍ରକୃତି ପ୍ରତ୍ୟୟ ଏହା ହେବ । ( )
   କ) ସର୍ବଙ୍ଗ+ଇନ ଖ) ସର୍ବ+ଅଙ୍ଗିନ
   ଗ) ସର୍ବାଙ୍ଗ+ଈନ ଘ)ସର୍ବ+ଆଙ୍ଗିନ
9. ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଅଧିକ ଗରମ ହୁଏ ।
   ରେଖାଙ୍କିତ ପଦଟିର ସଠିକ ସନ୍ଧି ଏହା ହେବ । ( )
   କ) ଆନ୍ୟ+ଅନ୍ୟ ଖ) ଅନ୍ୟ+ଆନ୍ୟ
   ଗ) ଆନ୍ୟ+ଆନ୍ୟ ଘ) ଅନ୍ୟ+ଅନ୍ୟ
10. ମଣିଷର କୁକାର୍ଯ୍ୟ ଦୁଶ୍ଚିନ୍ତାରେ ପକାଇ ଦିଏ ।
   ରେଖାଙ୍କିତ ପଦଟିର ସନ୍ଧିବିଚ୍ଛେଦ କଲେ ଏହା ହେବ । ( )
   କ) ଦୁ+ଚିନ୍ତା ଖ) ଦୁଃ+ ଚିନ୍ତା ଗ) ଦୁଖ+ଚିନ୍ତା ଘ) ଦୂ+ଚିନ୍ତା
11.'କୋଲକାତା' ଭାରତର ବୃହତମ ନଗରୀ□ ।
   ଏହି ବାକ୍ୟଟିର ଥିବା ଅଶୁଦ୍ଧ ଶବ୍ଦଟି ଏହା ହେବ । ( )
   କ) ନଗରୀ ଖ) ଭାରତର ଗ) ବୃହତମ ଘ) କୋଲକାତା
12. ବିଦ୍ୟାଶ୍ରୀ ସାଣ୍ମାଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହେଲା ।
   ରେଖାଙ୍କିତ ଶବ୍ଦଟିର ଶୁଦ୍ଧ ରୂପ ଏହା ହେବ । ( )
   କ) ସଣ୍ମାସିକ ଖ) ଷାଣ୍ମାସିକ ଗ) ଶଣ୍ମାସିକ ଘ) ଷାଣ୍ମାଶିକ
13. "ଷତ୍ୱ" ବିଧି ଏହାକୁ କୁହାଯାଏ । ( )
   କ) 'ଷ' ସ୍ଥାନରେ 'ସ' ହେବାକୁ
   ଖ) 'ସ' ସ୍ଥାନରେ 'ଷ' ହେବାକୁ
   ଗ) 'ଶ' ସ୍ଥାନରେ 'ସ' ହେବାକୁ
   ଘ) 'ଷ' ସ୍ଥାନରେ 'ଷ' ହେବାକୁ
14. Truth and non-violence were the ideals are Gandhi life. ( )
   ଏହି ବାକ୍ୟଟିକୁ ଓଡିଆରେ ଅନୁବାଦ କଲେ ଏହା ହେବ ।
   କ) ନନ୍ଦା ଓ ଅହିଂସା ଗାନ୍ଧିଙ୍କ ଜୀବନର ଆଦର୍ଶ ଥିଲା ।
   ଖ) ହିଂସା ଓ ଦ୍ରୋହ ଗାନ୍ଧିଜୀଙ୍କ ଜୀବନର ଆଦର୍ଶ ଥିଲା ।
   ଗ) ସତ୍ୟ ଗାନ୍ଧିଜୀଙ୍କ ଜୀବନର ଆଦର୍ଶ ଥିଲା । ଘ) ସତ୍ୟ ଅହିଂସା ଗାନ୍ଧୀଙ୍କ ଜୀବନର ଆଦର୍ଶ ଥିଲା ।

15. ପଦର ପ୍ରତ୍ୟେକ ପଂକ୍ତିକୁ ଏହା କହନ୍ତି । ( )

କ) ପଦ ଖ) ପାଦ ଗ) ଛନ୍ଦ ଘ) ରାଗ

16.ଅମୃତ ବିନୟ ବଚନ । କହିତୋଷିବ ପ୍ରାଣୀ ମନ ॥
ଏହି ପଦଟି କେଉଁ ଛନ୍ଦରେ ରଚତ । ( )

(କ) ଗଜ୍ଜରୀ ଖ) ଚୋକ୍ଷି ଗ) ବଙ୍ଗଳାଶ୍ରୀ ଘ) ଦାଣ୍ଡି

17. "ଦାଣ୍ଡି" ବୃତ୍ତର ପାଦ ସଂଖ୍ୟା କେତେ ? ( )

(କ) ପାଞ୍ଚ ଖ) ତିନି ଗ) ଦୁଇ ଘ) ଚାରି

18. ବରଜୀବ ରସେ ଦେଇ ମାନସ
ବରଜି ବରସେ ଅମେଧ ଗ୍ରାସ
ଏହା କେଉଁ ଅଳଙ୍କାରର ଅନ୍ତର୍ଭୂକ୍ତ ? ( )

(କ) ଉତ୍‌ପ୍ରେକ୍ଷା ଖ) ଯମକ ଗ) ଶ୍ଳେଷ ଘ) ଉପମା

19. ଯାହା ଦ୍ୱାରା ଅର୍ଥ ରମଣୀୟ ଓ ଚିତାକର୍ଷକ ହୁଏ,
ତାହାକୁ ଏହି ଅଳଙ୍କାର କୁହାଯାଏ । ( )

(କ) ଶବ୍ଦାଳଙ୍କାର ଖ) ଅର୍ଥାଳଙ୍କାର ଗ) ଉପମା ଘ) ରୂପକ ଅଳଙ୍କାର

20. ଯାହାକୁ ତୁଳନା ଦିଆଯାଏ, ତାହାକୁ ଏହା କୁହାଯାଏ । ( )

(କ) ଉପମେୟ ଖ) ଉପମାନ

ଗ) ସାଦୃଶ୍ୟ ବାଚକ ଶବ୍ଦ ଘ) ରୂପକ

☆☆☆☆☆☆☆☆

# ସଂଗ୍ରହଣାତ୍ମକ ଆକଳନ -III

## <u>ନମୂନା ପ୍ରଶ୍ନ ପତ୍ର</u>

### ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

**SUMMATIVE ASSESSMENT-III (Model Paper)**

**First Language-Odia (Paper-I)**

**PART-A & B**

**[X –Class]  [Max.Marks : 40]  [ Time : 2.45 Hours]**

**Student Name: …………………………………. Roll No:…………………………..**

---

ସୂଚନା : 1. ପ୍ରଶ୍ନପତ୍ରଟି ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅତିରିକ୍ତ 15 ମି. ସମୟ ଦିଆଯାଇଛି ।

2. Part-A ପ୍ରଶ୍ନଗୁଡିକର ଉତ୍ତର ତୁମକୁ ଦିଆ ଯାଇଥିବା ଉତ୍ତର ଖାତାରେ ଲେଖ ।

3.Part-B ପ୍ରଶ୍ନଗୁଡିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଉତ୍ତର ଲେଖ ।

4. Part-B ପ୍ରଶ୍ନଗୁଡିକର ଉତ୍ତର Part-A ଖାତାରେ ଲେଖିଲେ ମାର୍କ ଦିଆଯିବ ନାହିଁ ।

## <u>PART-A</u>

**I.ବୋଧ-ଅନୁଚିନ୍ତନ ।** [12ମାର୍କ ]

**କ]** ଯେକୌଣସି ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । [ 1x4=4 ]

1. ବିହାୟସେ ବିହରି ସାଗର ଜିଣିଯାଇ
ବର୍ତ୍ତକ ସ୍ୱରୂପ ଧୃତ କେଁ କେଁ ଟିହୋ କହିଯେ ।
ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଉଭୟରେ ପଳାଇ ସତ୍ତ୍ୱର ଯେ ।

(କିମ୍ବା)

ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ,
ପୋଛିଦିଅ ଆଜି ମାନବ ଶିର ସୁଁ
ସଂଚିତ ଅପମାନ,
ଲଙ୍ଘି ବନାନୀ ଶୈଳ ସାଗର
ଦୂରରେ ତିମିର କାର ।

**ଖ]** ଯେକୌଣସି ଗୋଟିଏ ପଦ୍ୟାଂଶ ପୂରଣ କରି, ସରଳାର୍ଥ ଲେଖ । [1x4=4]

2. ତରଙ୍ଗେ ଦୋହଲି ________________________

____________________________________

____________________________________

________________________ ପଡେ ଘନ ଘନ ।

(କିମ୍ବା)

କଳି ଉପଦ୍ରବେ ________________________

__________________________________

__________________________________

________________________ ଦୃଶ୍ୟ ସାୟନ୍ତନ ।

ଗ] ନିମ୍ନୋକ୍ତ ପରିଚିତ ଗଦ୍ୟାଂଶଟି ପଢ଼ି, ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । [4x1=4]

1986 ରେ ପ୍ରଥମ କରି ବିବେକାନନ୍ଦ ପରିଭ୍ରମଣରେ ବାହାରିଲେ ।ହିମାଳୟ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭକରି ବାଟରେ ବନାରସ,ଅଯୋଧ୍ୟା,ବୃନ୍ଦାବନ,ଆଗ୍ରା ଓ ଲକ୍ଷ୍ନୌ ପ୍ରଭୃତି ତୀର୍ଥସ୍ଥାନ ଭ୍ରମଣ କଲେ ।ତୀର୍ଥ କରିବା ଅପେକ୍ଷା ବିଶାଳ ଭାରତ ବର୍ଷ ଓତାର ଦରିଦ୍ର ଜନତା ସହିତ ଘନିଷ୍ଠ ଭାବେ ପରିଚୟ ହେବାର ସୁଯୋଗ ତାଙ୍କ ପାଖରେ ବଡଥିଲା ।ବାଟରେ ଅପ୍ରତ୍ୟାଶିତ ଭାବେସେ ତାଙ୍କର ପ୍ରଥମ ଶିଷ୍ୟଙ୍କୁ ଗ୍ରହଣ କରିଥିଲେ ।ସେ ହେଉଛନ୍ତି ହାଥରାସ ନାମକ ଗୋଟିଏ ଛୋଟ ଷ୍ଟେସନର ଷ୍ଟେସନମାଷ୍ଟର ଶ୍ରୀ ଶରତଚନ୍ଦ୍ର ଗୁପ୍ତ ।ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟ ହେଲାପରି ଯୋଗ୍ୟ ମଣିଷଟିଏ ।ଶ୍ରୀଗୁପ୍ତଙ୍କର ସନ୍ୟାସୀ ନାମ ହେଉଛି ସ୍ୱାମୀ ସଦାନନ୍ଦ ।ବିବେକାନନ୍ଦ ସଦାନନ୍ଦଙ୍କ ସହିତ ଦିନଦିନଭୋକ ଉପାସରେ କଟାଇ ଦରିଦ୍ର ଲୋକଙ୍କର ଦୁଃଖକୁ ଅଙ୍ଗେ ନିଭାଇ ଥିଲେ ।ଶରୀର ଉପରେକ୍ରମାଗତ ଅତ୍ୟାଚାର ଫଳରେ ଗୁରୁଶିଷ୍ୟ ଦୁହେଁ ବେମାର ପଡିଲେ ଓ ବିରାହ ନଗରକୁ ଫେରିଲେ ।

ପ୍ରଶ୍ନ: 3] ପ୍ରଥମ କରି ବିବେକାନନ୍ଦ କେବେ ଯାତ୍ରା କରିଥିଲେ ?

4] ହିମାଳୟ ଯାତ୍ରା ସମୟରେ କେଉଁ କେଉଁ ତୀର୍ଥ ସ୍ଥାନ ଭ୍ରମଣ କରିଥିଲେ ?

5] ବିବେକାନନ୍ଦଙ୍କ ଭାରତ ଭ୍ରମଣର ମୂଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

6] ବିବେକାନନ୍ଦ ଓ ଶିଷ୍ୟ ବରାହ ନଗର କାହିଁକି ଫେରି ଆସିଲେ ?

**II. ସ୍ୱୀୟ ରଚନା (ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ) ।** [18 ମାର୍କ]

ଘ] ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଚାରି କିମ୍ବା ପାଞ୍ଚ ଧାଡିରେ ଲେଖ । [4x2=8 ]

7] ବିଦ୍ୟୁତ୍ ପ୍ରଭାଦେବୀଙ୍କ ପରିଚୟ ପ୍ରଦାନ କର ?

8] "ସଭ୍ୟତା ଓ ବିଜ୍ଞାନ" ପ୍ରବନ୍ଧର ପୃଷ୍ଠଭୂମି ସମ୍ପରକରେ ଲେଖ ।

9] କେଉଁ ଦୃଶ୍ୟକୁ କବି ପାରଦ ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?

10] କେଉଁ ଘଟଣାରେ ବିବେକାନନ୍ଦଙ୍କ ହୃଦୟ ଚିଚଳିତ ହୋଇଥିଲା ?

ଙ] ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦଶ କିମ୍ବା ବାର ଧାଡିରେ ଲେଖ । [2x5=10]

11] ଦୂର୍ଯ୍ୟୋଧନ ଗୁରୁପୁତ୍ର ଅଶ୍ୱତ୍‌ଥମାଙ୍କୁ ଉର୍ତ୍ସନା କରିବାର କାରଣ ବର୍ଣ୍ଣନା କର ?

(କିମ୍ବା)

ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତ କାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

12] ଗ୍ରାମରେ ଦେଖା ଯାଉଥିବା ଏକ ପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତି କରି ବର୍ଣ୍ଣନା କର ।

(କିମ୍ବା)

ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରି ଆଲୋଚନା କର ।

01-(O)B

# ସଂଗ୍ରହଣାତ୍ମକ ଆକଳନ -III

## <u>ନମୂନା ପ୍ରଶ୍ନ ପତ୍ର</u>

## ଦଶମ ଶ୍ରେଣୀ-ପ୍ରଥମ ଭାଷା–ଓଡିଆ (ପ୍ରଥମ ପତ୍ର-I)

## SUMMATIVE ASSESSMENT-III (Model Paper)

## First Language-Odia (Paper-I)

## PART- B

**[X –Class]** **[Max.Marks : 10]** **[ Time : $\frac{1}{2}$ Hours]**

**Student Name: …………………………..** **Roll No:…………………**

| ଶିକ୍ଷାମାନ | I<br>ବୋଧ-ଅନୁଚିନ୍ତନ | II<br>ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ | III<br>ଭାଷାପ୍ରକରଣ | ମୋଟ |
|---|---|---|---|---|
| ପ୍ରଶ୍ନ ସଂଖ୍ୟା | | | | |
| ପ୍ରଦତ୍ତ ମାର୍କ | 12 | 18 | 10 | 40 |
| ପ୍ରାପ୍ତ ମାର୍କ | | | | |
| ଗ୍ରେଡ୍ | | | | |

ସୂଚନା: 1.ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।

2.Part-Bସମ୍ପର୍କିତ ଉତ୍ତର ଗୁଡିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି Part-A ଉତ୍ତର ଖାତା ସହ ସଂଲଗ୍ନ କର ।

## <u>PART-B</u>

**III. ଭାଷା ପ୍ରକରଣ (ଶବ୍ଦଭଣ୍ଡାର,ବ୍ୟାକରଣ)** $20x\frac{1}{2}=10$

1. ହରାଇ କରି ପଛେ ଶିଖିଲି ମୁଁ ବୁଦ୍ଧି
   ପାଦେଣ ଟାଳିଲି ମୁଁ ୟେଡେକ <u>ସଂପ୍ରଧି</u> ।
   ରେଖାଙ୍କିତ ଶବ୍ଦଟିର ଅର୍ଥ କ'ଣ ହେବ । ( )
   କ) ଧନ ଖ) ଟଙ୍କା ଗ) ସମ୍ପତ୍ତି ଘ) ସୁନା
2. <u>ଅଧୁନାତନ</u> କାଳରେ ବିଜ୍ଞାନର ପଟାନ୍ତର ନାହିଁ।
   ରେଖାଙ୍କିତ ପଦଟିର ଅର୍ଥ କ'ଣ ହେବ । ( )
   କ) ପୂରାତନ ଖ) ଆଜି କାଲିକା ଗ) ସର୍ବାଚୀନ ଘ) ଭବିଷ୍ୟତ
3. ପ୍ରତିକଥାରେ <u>ରୋଷ</u> କରିବା ଅନୁଚିତ ।
   ରେଖାଙ୍କିତ ପଦଟିର ଦୁଇଟି ପ୍ରତିଶବ୍ଦ __________ ( )
   କ) ହିଂସା ଦ୍ୱେଷ ଖ) ଦ୍ୱେଷ କପଟ ଗ) କ୍ରୋଧ, ଶାନ୍ତି ଘ) ରାଗ,କ୍ରୋଧ
4. 'ବିବେକାନନ୍ଦ'ଙ୍କ <u>ଅନୁଗାମୀ</u> ମଧ୍ୟରୁ 'ଶରତଚନ୍ଦ୍ର' ଅନ୍ୟତମ ।
   ରେଖାଙ୍କିତ ପଦଟିର ପ୍ରତିଶବ୍ଦ ____________ ( )
   କ) ପଶ୍ଚାତଗାମୀ, ସହଯାତ୍ରୀ ଖ) ଦୃତଗାମୀ, ସହଯାତ୍ରୀ
   ଗ) ବେଗଗାମୀ,ତୀର୍ଥ ଯାତ୍ରୀ ଘ) ପୂର୍ବଗାମୀ, ଭ୍ରମଣକାରୀ

5. ଆକାଶରେ ଦ୍ୱିଜଟିଏ ଡେଣା ମେଲାଇ ଉଡୁଅଛି ।
ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଅର୍ଥଟି ଏହା ହେବ । ( )
କ) ପକ୍ଷୀ ଖ) କ୍ଷତ୍ରୀୟ ଗ) ବ୍ରାହ୍ମଣ ଘ) ଶୁଦ୍ର

6. ମଣିଷ ବାସ କରି ରହେ ।
ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ____________ ( )
କ) ଜମି ଖ) ଲୁଗା ଗ) ସୁନା ଘ) ବଗିଚା

7. ରାମଚନ୍ଦ୍ର ସିନ୍ଧୁ ପୋଡିବା ପାଇଁ ଅନୁକୂଳ କରିଥିଲେ ।
ରେଖାଙ୍କିତ ପଦଟିର ବିପରୀତ ଅର୍ଥ ଏହା ହେବ । ( )
କ) ଦିକୁଳ ଖ) ନବୀକୁଳ ଗ) ପ୍ରତିକୂଳ ଘ) ସମୃଦ୍ରକୁଳ

8. ମଣିଷର ସାମାଜିକ ଅବସ୍ଥା ପରିବର୍ତ୍ତନ ଶୀଳ ।
ରେଖାଙ୍କିତ ପଦଟିର ପ୍ରକୃତି ପ୍ରତ୍ୟୟ କ'ଣ ହେବ ? ( )
କ) ସମ+ଇକ ଖ) ସମାନ+ଇକ ଗ) ସମାଜ+ଏକ ଘ) ସମାଜ+ଇକ

9. 'ରାବଣଙ୍କ ପୁତ୍ର' ଏକ ପଦରେ ପ୍ରକାଶ କଲେ ଏହା ହେବ । ( )
କ) ରାବଣ ଖ) ରାବଣାରୀ ଗ) ରାବଣୀ ଘ) ରାବଣା

10. ପୁରୁଷୋତ୍ତମଦେବ ନିରବଚ୍ଛିନ୍ନ ଯୁଦ୍ଧକରି ଜୟ ଲାଭ କରିଥିଲେ ।
ରେଖାଙ୍କିତ ପଦଟିର ଛନ୍ଦିବିଚ୍ଛେଦ କଲେ ଏହା ହେବ । ( )
କ) ନିଃ+ଅବଚ୍ଛିନ୍ନ ଖ) ନିଃ+ ଅଚ୍ଛିନ୍ନ ଗ) ନି+ଅବଚ୍ଛିନ୍ନ ଘ) ନିଃ+ଆବଚ୍ଛିନ୍ନ

11. ଜଙ୍ଗଲର ବାଘ ଗୁଡିକ ହୃଷ୍ଟପୃଷ୍ଟ ନୁହଁନ୍ତି ।
ରେଖାଙ୍କିତ ଶବ୍ଦଟିର ଶୁଦ୍ଧରୂପ ଏହା ହେବ । ( )
କ) ହୁଷ୍ଟ ପୁଷ୍ଟ ଖ) ହୃଷ୍ଟ ପୃଷ୍ଟ ଗ) ହୃଷ୍ଣ ପୃଷ୍ଟ ଘ) ହୃଷ୍ଟ ପୃଷ୍ଣ

12.ଲକ୍ଷ୍ମୀପୂଜା ମାର୍ଗଶୀର ମାସରେ ହୁଏ ।
ଏହି ପଦ ମଧ୍ୟରୁ ଭୁଲ ଶବ୍ଦଟି _______________ ( )
କ) ଲକ୍ଷ୍ମୀପୂଜା ଖ) ହୁଏ ଗ) ମାସ ଘ) ମାର୍ଗଶୀର

13.'ଜୀର୍ଣ୍ଣ' ଏଠାରେ 'ନ' କାହିଁକି 'ଣ' ହୋଇଛି । ( )
କ) 'ର' ବର୍ଣ୍ଣ ପରେ 'ନ' ବର୍ଣ୍ଣ ଥିବାରୁ ଖ) 'ନ' ବର୍ଣ୍ଣ ପରେ 'ନ' ବର୍ଣ୍ଣ ଥିବାରୁ
ଗ) 'ର' ବର୍ଣ୍ଣ ପରେ 'ଣ' ବର୍ଣ୍ଣ ଥିବାରୁ ଘ) 'ଜ' ବର୍ଣ୍ଣ ପରେ 'ନ' ବର୍ଣ୍ଣ ଥିବାରୁ

14. The National Flag of India is the symbol of our national unity.
ଏହି ବାକ୍ୟଟିକୁ ଓଡିଆରେ ଅନୁବାଦ କଲେ ଏହା ହେବ । ( )
କ) ଭାରତର ଜାତୀୟ ପତାକା ଆମର ଚିହ୍ନ ଅଟେ ।
ଖ) ଭାରତର ଜାତୀୟ ପତାକା ଆମର ଜାତୀୟ ଏକତାର ପ୍ରତୀକ ଅଟେ ।
ଗ) ଭାରତର ଜାତୀୟ ପତାକା ଆମର ଜାତୀୟ ଏକତାର ପ୍ରତୀକ ।
ଘ) ଭାରତର ଜାତୀୟ ପତାକା ଆମର ଏକତାର ପ୍ରତୀକ ।

15. ଦାଣ୍ଡିବୃତ୍ତର ପ୍ରତିପାଦରେ କେତୋଟି ଲେଖାଏଁ ଅକ୍ଷର ଥାଏ । ( )

କ) ବାର ଖ) ଅକ୍ଷର ସଂଖ୍ୟା ଅସମାନ

ଗ) ଅକ୍ଷର ସଂଖ୍ୟା ସମାନ ଘ) ଅଠର

16. ଉତ୍କଳ'-କମଳା'-ବିଳାସ'-ଦୀର୍ଘିକା'

ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା ॥

ଏହି ପଦ୍ୟାଂଶଟି କେଉଁ ଛାନ୍ଦର ଉଦାହରଣ । ( )

କ) ଦାଣ୍ଡିବୃତ୍ତ ଖ) ଗୁଜ୍ଜରୀ ଗ) ନଟବାଣୀ ଘ) ଚୋକ୍ଷି

17. ବଙ୍ଗଳାଶ୍ରୀ ଛନ୍ଦରେ ଗୋଟିଏ ପଦ କେତେ ପାଦ ବିଶିଷ୍ଟ ( )

କ) ଦୁଇପାଦ ଖ) ଚାରିପାଦ ଗ) ଏକପାଦ ଘ) ତିନିପାଦ

18. ଦେଖରେ ନଳିନୀ ! ନଳିନୀ ନଳିନୀରେ ପୂରିତ

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

ଏହି ପଦ୍ୟାଂଶଟି ଏହି ଅଳଙ୍କାରର ଅନ୍ତର୍ଭୁକ୍ତ____________ ( )

କ) ଉତ୍‌ପେକ୍ଷା ଖ) ଶ୍ଳେଷ ଗ) ଯମକ ଘ) ରୂପକ

19. ଯମକ ଅଳଙ୍କାର ପ୍ରଧାନତଃ କେତେ ପ୍ରକାର ( )

କ) ତିନି ପ୍ରକାର ଖ) ଚାରିପ୍ରକାର ଗ) ଛଅ ପ୍ରକାର ଘ) ପାଞ୍ଚ ପ୍ରକାର

20. ଗୋଟିଏ ଶବ୍ଦ ଦୁଇବା ତତୋଧିକ ଭିନ୍ନାର୍ଥ ପ୍ରକାଶ କଲେ ଏହି ଅଳଙ୍କାର ହୁଏ । ( )

କ) ଉପମା ଖ) ଶ୍ଳେଷ ଗ) ଉତ୍‌ପ୍ରେକ୍ଷା ଘ) ଯମକ

☆☆☆☆☆☆☆☆

## ଉତ୍ତର ଖାତା ମୂଲ୍ୟାଙ୍କନ ନିମିତ୍ତ ସୂଚନା:

**ସୂଚନା:** ଶିକ୍ଷାର୍ଥୀ ଲେଖିଥିବା ଉତ୍ତର ଗୁଡିକ ମଧ୍ୟରୁ ପ୍ରତି ପଦାର୍ଥ, ପଦ୍ୟାଂଶ ପୂରଣ ସହ ସରଳାର୍ଥ ଏବଂଦୀର୍ଘ ଉତ୍ତରମୂଳକ ସମ୍ପର୍କିତ ବନାନ ଅଶୁଦ୍ଧି ନିମିତ୍ତ $\frac{1}{8}$ମାର୍କ, ପ୍ରତ୍ୟେକ ବିଭାଗରୁ କାଟି ଦିଆଯିବ ।

ଏକ ପ୍ରକାର ବନାନ ଅଶୁଦ୍ଧି ପୁନରାବୃତ୍ତି ହେଲେବି ତାହା କେବେଳ ଗୋଟିଏ ଅଶୁଦ୍ଧି ରୂପେ ପରିଗଣିତ କରାଯିବ । ଉତ୍ତରଟି ବିଷୟ ଅନୁଯାୟୀ ଥିଲେ ଅନ୍ତତଃ ଅତ୍ୟାଧିକ ନମ୍ବର (ମାର୍କ) ଦିଆଯିବ ।

**I.ବୋଧ-ଅନୁଚିନ୍ତନ:** **[12 ମାର୍କ ]**

**1.(କ)**

| **ପ୍ରତି ପଦାର୍ଥ** | | **ନିର୍ଦ୍ଦେଶିତ ମାର୍କ** |
|---|---|---|
| କ୍ରମ ଅନୁସାରେ ଲେଖିଥିଲେ | ---------- | 1 ମାର୍କ |
| ପଦ/ଅର୍ଥ | ---------- | 3 ମାର୍କ |
| ମୋଟ | | 4 ମାର୍କ |

**2.(ଖ) ପଦ୍ୟାଂଶ ପୂରଣ ଓ ସରଳାର୍ଥ :**

| | | |
|---|---|---|
| ପଦ୍ୟାଂଶଟି ସମ୍ପୂର୍ଣ୍ଣ ପୂରଣ କରିଥିଲେ | -------- | 2 ମାର୍କ |
| ପ୍ରାସଙ୍ଗିକ ବ୍ୟାଖ୍ୟା ପାଇଁ | -------- | 2 ମାର୍କ |
| ମୋଟ | | 4 ମାର୍କ |

**(ଗ) (3,4,5,6 ପ୍ରଶ୍ନ) :**

ପ୍ରଦତ୍ତ ଗଦ୍ୟାଂଶର ପ୍ରତ୍ୟେକ ସଠିକ୍ ଉତ୍ତର ପାଇଁ ଏକ ମାର୍କ ଦିଆଯିବ ।

ମୋଟ 4 ମାର୍କ

## II. ସ୍ୱୀୟ ରଚନା( ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ) [18 ମାର୍କ]

**(ଘ) କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ ନିର୍ଦ୍ଦେଶିତ ମାର୍କ**

7) କବିପରିଚୟ — 2 ମାର୍କ

(ଲେଖକର ନାମ,ସମୟ,ଆଖ୍ୟା ରଚନାବଳୀ,
ଶୈଳୀ, ତଥା ଅନ୍ୟାନ୍ୟ ଜନ୍ମସ୍ଥାନ, ପାଣ୍ଡିତ୍ୟ,
ପୁରସ୍କାର,କର୍ମକ୍ଷେତ୍ର, ବିଭିନ୍ନ କାର୍ଯ୍ୟକଳାପ,
ବିଶେଷତ୍ୱ , ପାଠ୍ୟାଂଶ ପରିଚୟ ।)

8) ପୃଷ୍ଠଭୂମି — 2 ମାର୍କ

ପଦ୍ୟ/ଗଦ୍ୟର ନାମ, ଲେଖକଙ୍କ ନାମ ଉଲ୍ଲେଖ ପାଇଁ — 2 ମାର୍କ

ପୃଷ୍ଟଭୂମି ବ୍ୟାଖ୍ୟା ପାଇଁ — $\frac{1}{2}$ମାର୍କ

9) ଶୁଦ୍ଧବାକ୍ୟ ଓ ବିଷୟବସ୍ତୁ ଠିକ୍ ଥିଲେ — 2 ମାର୍କ

10) ଶୁଦ୍ଧବାକ୍ୟ ଓ ବିଷୟବସ୍ତୁ ଠିକ୍ ଥିଲେ — 2 ମାର୍କ

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ନିର୍ଦ୍ଦେଶିତ ମାର୍କ**

11)

| | | |
|---|---|---|
| କବି ପରିଚୟ | ------------- | 1ମାର୍କ |
| ବିଷୟ ବସ୍ତୁ | ------------- | 2 ମାର୍କ |
| କ୍ରମାନ୍ୱୟରରେ ବାକ୍ୟ ନିର୍ମାଣ | ------------- | 1 ମାର୍କ |
| ଉପଯୁକ୍ତ ଶବ୍ଦ ବ୍ୟବହାର | ------------- | 1 ମାର୍କ |
| ମୋଟ | | 5 ମାର୍କ |

(କିମ୍ବା)

| | | |
|---|---|---|
| କବି ପରିଚୟ | ------------- | 1 ମାର୍କ |
| ବିଷୟ ବସ୍ତୁ | ------------- | 2 ମାର୍କ |
| କ୍ରମାନ୍ୱୟରେ ବାକ୍ୟ ନିର୍ମାଣ | ------------- | 1 ମାର୍କ |

| | | |
|---|---|---|
| ଉପଯୁକ୍ତ ଶବ୍ଦ ବ୍ୟବହାର | ------------- | 1 ମାର୍କ |
| ମୋଟ | | 5 ମାର୍କ |

12) **ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ** **ନିର୍ଦ୍ଧେଶିତ ମାର୍କ**

| | | |
|---|---|---|
| ପ୍ରବନ୍ଧର ନାମ, ଲେଖକଙ୍କ ପରିଚୟ ପାଇଁ | ----------- | 1 ମାର୍କ |
| ପ୍ରାସଙ୍ଗିକ ବ୍ୟାଖ୍ୟା ପାଇଁ | ----------- | 2 ମାର୍କ |
| କ୍ରମାନ୍ୱୟରେ ବାକ୍ୟ ନିର୍ମାଣ | ----------- | 1 ମାର୍କ |
| ଉପଯୁକ୍ତ ଶବ୍ଦ ବ୍ୟବହାର | ----------- | 1 ମାର୍କ |
| ମୋଟ | | 5 ମାର୍କ |

(କିମ୍ବା)

| | | |
|---|---|---|
| ପ୍ରବନ୍ଧର ନାମ, ଲେଖକଙ୍କ ପରିଚୟ ପାଇଁ | ----------- | 1 ମାର୍କ |
| ପ୍ରାସଙ୍ଗିକ ବ୍ୟାଖ୍ୟା ପାଇଁ | ----------- | 2 ମାର୍କ |
| କ୍ରମାନ୍ୱୟରେ ବାକ୍ୟ ନିର୍ମାଣ | ----------- | 1 ମାର୍କ |
| ଉପଯୁକ୍ତ ଶବ୍ଦ ବ୍ୟବହାର | ----------- | 1 ମାର୍କ |
| ମୋଟ | | 5 ମାର୍କ |

## PART - B

1) ଗ -------- ସମ୍ପତ୍ତି
2) ଖ -------- ଆଜିକାଲିକା
3) ଘ -------- ରାଗ, କ୍ରୋଧ
4) କ --------- ପାଶ୍ଚାତ୍ୟ ଗାମୀ, ସହଯାତ୍ରୀ
5) ଗ --------- ବ୍ରାହ୍ମଣ
6) ଖ --------- ଲୁଗା
7) ଗ --------- ପ୍ରତିକୂଳ
8) ଘ ----------ସମାଜ + ଇକ
9) ଗ ---------- ରାବଣି
10) କ --------- ନିଃ+ ଅବଛିନ୍ନ
11) ଗ --------- ହୃଷ୍ଟ ପୃଷ୍ଟ
12) ଘ --------- ମାର୍ଗଶୀର
13) କ --------- 'ର' ବର୍ଣ୍ଣ ପରେ 'ନ' ବର୍ଣ୍ଣ
14) ଗ --------- ଭାରତର ଜାତୀୟ ପତାକା ଆମର ଜାତୀୟ ଏକତାର ପ୍ରତୀକ ।
15) ଖ --------- ଅକ୍ଷର ସଂଖ୍ୟା ଅସମାନ ।
16) ଗ --------- ନଟବାଣୀ
17) କ --------- ଦୁଇ ପାଦ
18) ଗ --------- ଯମକ
19) ଘ --------- ପାଞ୍ଚ ପ୍ରକାର
20) ଖ --------- ଶ୍ଳେଷ

# ସାମ୍ଭାବ୍ୟ ପ୍ରଶ୍ନମାଳା

# ଦଶମ ଶ୍ରେଣୀ-ପ୍ରଥମ ଭାଷା :ଓଡିଆ ପ୍ରଥମ ପତ୍ର-I

## 1.ମାନଗୋବିନ୍ଦଙ୍କ ମହାନତା

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. ମାନଗୋବିନ୍ଦଙ୍କ ମହାନତା ପଦ୍ୟରେ ମୁଖ୍ୟତଃ କ'ଣ ବର୍ଣ୍ଣନା କରାଯାଇଛି ?
2. ଆଦିକବି ସାରଳା ଦାସ ଦୁର୍ଯ୍ୟୋଧନଙ୍କ ପଶ୍ଚ୍ୟାତାପର ଚିତ୍ର ପଠିତ ପଦ୍ୟରେ କିପରି ଅଙ୍କନ କରିଛନ୍ତି ନିଜ ଭାଷାରେ ଲେଖ ।
3. ବଂଶ ରକ୍ଷା ନିମନ୍ତେ ମାନଗୋବିନ୍ଦଙ୍କ ହୃଦୟର ବ୍ୟାକୁଳତାକୁ କିପରି ପ୍ରତିପାଦନ କରିଛନ୍ତି ? ବର୍ଣ୍ଣନା କର ।
4. ପଠିତ କବିତାରେ କବି ମାନଗୋବିନ୍ଦଙ୍କ ପିତୃହୃଦୟରେ ଉଦାରତାକୁ କିପରି ପ୍ରକାଶ କରିଛନ୍ତି ?
5. ଅଶ୍ୱତ୍ଥାମାଙ୍କୁ ଦୁର୍ଯୋଧନ କିପରି ଭର୍ତ୍ସନା କରିଛନ୍ତି ବର୍ଣ୍ଣନା କର?
6. ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇପଡିଲେ ?
7. ଦୂର୍ଯ୍ୟୋଧନ କିପରି ପ୍ରାଣ ବିସର୍ଜନ କଲେ ?
8. କବି ଦୂର୍ଯ୍ୟୋଧନଙ୍କର ଅନୁଶୋଚନାରୁ ଘଟିଥିବା ପ୍ରାଣ ବିସର୍ଜନ ପ୍ରସଙ୍ଗକୁ କିପରି ପ୍ରକାଶ କରିଛନ୍ତି ?

**ସୃଜନଶୀଳ ପ୍ରଶ୍ନାବଳୀ:**

1. ପଠିତ କବିତା ଅନୁସରଣରେ ମାନଗୋବିନ୍ଦଙ୍କ ମହାନତା ପ୍ରତିପାଦନ କର ।
2. ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କ ବିଳପିତ ପିତୃତ୍ୱ କିପରି କବିତାଟିରେ ପ୍ରକାଶିତ ହୋଇଛି –ଉଲ୍ଲେଖ କର ।
3. ମାନଗୋବିନ୍ଦ କେଉଁ କାରଣ ପାଇଁ ମର୍ମାହତ ହେବା ସହ ନିଜର ଚାରିତ୍ରିକ ମହାନତା ଦର୍ଶାଇବାରେ ସମର୍ଥ ହୋଇଛନ୍ତି ପଠିତ କବିତା ଅବଲମ୍ବନରେ ଆଲୋଚନା କର ।
4. "ମାନଗୋବିନ୍ଦଙ୍କ ମହାନତା" କବିତାରୁ ଦୁର୍ଯ୍ୟୋଧନ ଅଶ୍ୱତ୍ଥାମାଙ୍କୁ ଯେଉଁ ଭର୍ତ୍ସନା କରିଛନ୍ତି ତାହାର କାରଣ ଓ ଯଥାର୍ଥକୁ ଅନୁଶୀଳନ କର ।
5. ଦୁର୍ଯ୍ୟୋଧନଙ୍କ ପ୍ରତି ତୁମ ମନରେ ଥିବା ଧାରଣା କବିତା ପଢିବା ପରେ  କିପରି ପରିବର୍ତ୍ତନ ହୋଇଛି ତାହା ଜଣାଇ ସାଙ୍ଗ ନିକଟକୁ ପତ୍ର ଲେଖ ।

## 2.ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. ଶ୍ରୀରାମଚନ୍ଦ୍ରଙ୍କବରୁଣୋପାସନ ସମ୍ପର୍କରେ ବର୍ଣ୍ଣନା କରି ଲେଖ ।
2. ରାବଣ ଶୁକ, ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ?
3. କବି ବାଳୀପୁତ୍ର ଅଙ୍ଗଦଙ୍କ ପରାକ୍ରମ ସମ୍ପର୍କରେ କିଭଳି ବର୍ଣ୍ଣନା କରିଛନ୍ତି ?

4. ଶ୍ରୀରାମଚନ୍ଦ୍ରଙ୍କ ସୈନ୍ୟବଳ ଆକଳନ କରିବା ପାଇଁ କ'ଣ କରିଥିଲେ ?
5. ଅଙ୍ଗଦଙ୍କ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?
6. ଶୁକ ଓ ସାରଣ ରାବଣ ନିକଟରେ କି ଉକ୍ତି ପ୍ରକାଶ କଲେ ?

**ସୃଜନଶୀଳ ପ୍ରଶ୍ନାବଳୀ:**

1. ଶ୍ରୀରାମଚନ୍ଦ୍ର ଲଙ୍କା ଯାତ୍ରା ପାଇଁ ଯେଉଁ ଯୋଜନା କରିଥିଲେ ତାହାର ଚିତ୍ର ପଠିତ କବିତା ଆଧାରରେ ଚିତ୍ରିତ କର ।
2. ରାମଙ୍କ ଲଙ୍କା ଯାତ୍ରାର ଶୁଭାନୁକୂଳ ଓ ଯୁଦ୍ଧ ଯାତ୍ରାକୁ ନିଜର କୁଟନୀତ ଦ୍ୱାରା ରାବଣ କିପରି ପ୍ରତିହତ କରିବାକୁ ଚାହିଁଥିଲା ତା'ର ବିବରଣୀ ପ୍ରଦାନ କର ।
3. 'ରାଘବଙ୍କ ଲଙ୍କା ଯାତ୍ରନୁକୂଳ' କବିତାରେ ଥିବା ସମାଜ-ପ୍ରତି ବାର୍ତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ସାନ ଭାଇ ନିକଟକୁ ଏକ ଚିଠି ଲେଖ ।
4. ତୁମ ଘରେ କୌଣସି ଏକ ଶୁଭ କାର୍ଯ୍ୟ ଆରମ୍ଭରେ କିଭଳୀ ଉପାସନା କରିଥା'ନ୍ତି ତା'ର ଏକ ବିବରଣୀ ଦିଅ ।

# 3. ଚିଲିକାରେ ସାୟନ୍ତନ

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. କବି ମତ୍ସ୍ୟଜୀବୀମାନଙ୍କ ଉଲ୍ଲସିତ ହୃଦୟର ଭାବକୁ କିପରି ପ୍ରକାଶ କରିଛନ୍ତି ?
2. 'ପାପ ଗର୍ଭେ ଯେହ୍ନେ ପଡଇ ଅଜ୍ଞାନ –ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ' ।ଏହାର ଯଥାର୍ଥତା ପ୍ରତିପାଦନ କର ।
3. ସନ୍ଧ୍ୟାକାଳୀନ ଚିଲିକାର ସୌନ୍ଦର୍ଯ୍ୟ କିପରି ଶାନ୍ତି ପ୍ରଦ ପଠିତ କବିତା ଅବଲମ୍ବନରେ ବର୍ଣ୍ଣନା କର ।
4. ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କବିଙ୍କ ସୌନ୍ଦର୍ଯ୍ୟ-ପ୍ରାଣର ପରିଚୟ ଦେଏ-ଏହାର ଯଥାର୍ଥତା ପ୍ରତିପାଦନ କର ।
5. କବିତାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରସଙ୍ଗ ଅବତୀର୍ଣ୍ଣ କରିଛନ୍ତି କାହିଁକି ?

**ସୃଜନଶୀଳ ପ୍ରଶ୍ନାବଳୀ:**

1. ତୁମେ ଦେଖିଥିବା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଶ୍ୟ ବର୍ଣ୍ଣନା କରି କବିତାଟିଏ ଲେଖ ।
2. ପଠିତ କବିତା ଅବଲମ୍ବନରେ ଚିଲିକାର ସନ୍ଧ୍ୟାକାଳୀନ ଦୃଶ୍ୟ କିପରି ବର୍ଣିତ ହୋଇଛି ଜଣାଇ ବଡ ଭାଇଙ୍କ ନିକଟକୁ ଏକ ପତ୍ରଟିଏ ଲେଖ ।
3. ଚିଲିକାର ସାୟନ୍ତନ ଦୃଶ୍ୟ ବର୍ଣ୍ଣୋତ୍ସବମୟ ଉକ୍ତିଟିର ସତ୍ୟତା ପଠିତ କବିତାକୁ ଭିତ୍ତି କରି ପ୍ରତିପାଦନ କର ।
4. କବିଙ୍କ ଲେଖନୀରେ ମୀନଜୀବୀମାନଙ୍କର ଗୃହ ପ୍ରତ୍ୟାବର୍ତ୍ତନର ଦୃଶ୍ୟ କିପରି ଫୁଟି ଉଠିଛି ଆଲୋଚନା କର ।
5. ପଠିତ କବିତା ଅବଲମ୍ବନରେଚିଲିକାର ଯେଉଁ ରୂପରାଜି କବି ମାନସରେ ଉଦ୍ଭାସିତ ହୋଇଛି ତାହା ବର୍ଣ୍ଣନା କର ।

# 4.ମଙ୍ଗଳେ ଅଇଲା ଉଷା

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. "ଦଶନନ ଦିଅ ସତୀ, ରାତି ପାହିଲା"- ଏ କଥା କିଏ କାହାକୁ କହିଛନ୍ତି ?
2. ବାଲ୍ମୀକି ଆଶ୍ରମକୁ ଉଷା କାହିଁକି ଆଗମନ କରିଥିଲେ ବୋଲି ବର୍ଣ୍ଣିତ ହୋଇଛି ?
3. ଉଷାଙ୍କ କର ବୋଲି କବି କାହାକୁ କଳ୍ପନା କରିଛନ୍ତି ?
4. କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?
5. ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?
6. 'ଉଷା' ସୀତାଙ୍କୁ ସତୀ,ରାଜ୍ୟରାଣୀ ବୋଲି ସମ୍ବୋଧନ କଲେ କାହିଁକି ?
7. ସରସ୍ୱତୀଙ୍କ ବୀନାଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?
8. ସୀତାଙ୍କୁ ଲାଭ କରି 'ତମସା' ନିଜକୁ ଭାଗ୍ୟବତୀ ବୋଲି ଭାବିଛନ୍ତି କାହିଁକି ?
9. 'ଭାରତୀୟ ସଂସ୍କୃତିରେ ପବିତ୍ରତାର ପତିଧର୍ମ ହିଁ ନାରୀର ମହତ୍ୱ'- ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।

**ସୃଜନଶୀଳ ପ୍ରଶ୍ନାବଳୀ:**

1. ଆଶ୍ରମରେ ପ୍ରାତଃକାଳୀନ ପବିତ୍ର ବାତାବରଣ ତଥା ପ୍ରାକୃତିକ ଶୋଭା ଅତ୍ୟନ୍ତ ହୃଦୟସ୍ପର୍ଶୀ- ଅଲୋଚନା କର ।
2. ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି-ଆଲୋଚନା କର ।
3. କବି ଗଙ୍ଗାଧର ଯଥାର୍ଥରେ ଥିଲେ ପ୍ରକୃତି କବି-ଏହାର ଯଥାର୍ଥତା ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।
4. କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବ ଭଳି ସମ୍ବେଦନଶୀଳ-ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।
5. ସାଂପ୍ରତିକ ସମାଜରେ ନାରୀର ଭୂମିକା-ସଂପର୍କରେ ଏକ ପ୍ରବନ୍ଧ ଲେଖ ।
6. ନାରୀମାନଙ୍କ ପ୍ରତି ଆମର ବ୍ୟବହାର ଓ କର୍ତ୍ତବ୍ୟ ସଂପର୍କରେ ଜଣାଇ ତୁମ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

# 5.ଜାଗ ବନ୍ଧନହରା

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. କବି ଅନନ୍ତ ପଟ୍ଟନାୟକ ମାନବ ବାଦୀ ଚିନ୍ତା ଧାରାରେ ପରିଚୟ ପଠିତ କବିତାରେ ଅନୁସରଣରେ ଲେଖ ।
2. ପଠିତ କବିତା ଅବଲମ୍ବନରେ କବିଙ୍କ ବୈପ୍ଳବିକ ଆହ୍ୱାନ ସମ୍ପର୍କରେ ଆଲୋଚନା କର ।
3. ତିମିରିକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?
4. ମରୁ ପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ?
5. ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

**ସୃଜନଶୀଳ ପ୍ରଶ୍ନାବଳୀ:**

1. ସମ୍ବୋଧନାତ୍ମକ, ବୈପ୍ଳବିକ ଭାବଧର୍ମୀ କବିତା ରୂପେ "ଜାଗ ବନ୍ଧନହରା" କବିତାର ମୂଲ୍ୟାୟନ କର ।
2. "ଜାଗ ବନ୍ଧନହରା" କବିତାରେ କବି ବିପ୍ଳବର ଯେଉଁ ମହାମନ୍ତ୍ର ପ୍ରଦାନ କରିଛନ୍ତି ଆପଣାର ଆହ୍ୱାନ ମାଧ୍ୟମରେ ତା'ର ସ୍ୱରୂପ ଦର୍ଶାଅ ।
3. କବି ଅନନ୍ତ ପଟ୍ଟନାୟକଙ୍କ କବିତାରେ ବିପ୍ଳବଦେଇ ଯେଉଁ ନୂତନ ସମାଜ ସମ୍ଭବ ବୋଲି ଆଶାର ବାଣୀ ଶୁଣାଇଛନ୍ତି- ତାହା ଜଣାଇ ବଡଭାଇଙ୍କ ନିକଟକୁ ଏକ ପତ୍ର ଲେଖ ।

# 6. ସର୍ବଂସହା ମାଟି

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. କବି ମାଟିକୁ ଜନନୀ ରୂପେ କଳ୍ପନା କରି ତା'ର ସର୍ବଂସହା ସ୍ୱରୂପଙ୍କୁ କିପରି ବିଶ୍ଳେଷଣ କରିଛନ୍ତି ?
2. ନାରୀକବି ବିଦ୍ୟୁତ୍ ପ୍ରଭାଦେବୀ ସନ୍ତାନବତ୍ସଳା ମାଟିମାଆ ନିକଟରେ ନିଜର କୃତଜ୍ଞତା କିପରି ଜ୍ଞାପନ କରିଛନ୍ତି ଆଲୋଚନା କର ।
3. ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?
4. ମାଟିର ମାଁ ଆମ ଦୋଷକୁ କାହିଁକି କ୍ଷମା କରିଛି ?
5. "ଭାରତ ଭୂମି ଦେବ ଭୂମି" ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

**ସୃଜନଶୀଳ ପ୍ରଶ୍ନାବଳୀ:**

1. ମାଟିମନସ୍କ କବି ବିଦ୍ୟୁତ୍‌ପ୍ରଭା ମାଟିକୁ ମା' ଓ ଶ୍ରେଷ୍ଠ ଗୌରବ ପ୍ରଦାନରେ କେତେଦୂର ସଫଳ ହୋଇଛନ୍ତି ଉଲ୍ଲେଖ କର ।
2. ମାଟି ସର୍ବଂସହା ଏହାର ଯଥାର୍ଥତା ପ୍ରତିପାଦନ କର ।
3. ମାଟି ମାଆର ଜୟଗାନ କରିବାକୁ କବି ଯେପରି ଯଥାର୍ଥ ଜ୍ଞାନ କରିଛନ୍ତି, ତାର ସ୍ୱରୂପ ପଠିତ କବିତାକୁ ଆଧାର କରି ବିଶ୍ଳେଷଣ କର ।
4. ମାଟି ଯେମିତି ମାଆ ସେମିତି-ଏହାକୁ ନେଇଁ ଏକ ପ୍ରଚାର ପତ୍ର ପ୍ରସ୍ତୁତି କର ।
5. ନିଜ ମାଆଙ୍କ ମମତା ସଂପର୍କରେ ଜଣାଇ ସାଙ୍ଗ ନିକଟକୁ ପତ୍ର ଲେଖ ।

# 7. ଜନ୍ମଭୂମି

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. "ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।"-ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।
2. ଶ୍ରୀକୃଷ୍ଣଙ୍କ କୃତକର୍ମର ବିଷୟ ପରିଣତି ସମ୍ପର୍କରେ ଆଲୋଚନା କର ।
3. ଗ୍ରାମାଞ୍ଚଳର ବେକାର ଯୁବଗୋଷ୍ଠୀଙ୍କ ସମ୍ପର୍କରେ ପ୍ରାବନ୍ଧିକ କ'ଣ କହିଛନ୍ତି?
4. ଆଧୁନିକ ଶିକ୍ଷିତ ଗୋଷ୍ଠୀର ସମସ୍ୟା ସମ୍ପର୍କରେ ପ୍ରାବନ୍ଧିକ କ'ଣ କହିଛନ୍ତି ?

5. ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର ବୋଲି କାହିଁକି କୁହାଯାଇଛି ?
6. ଶିକ୍ଷିତମାନେ କାୟକ୍ଳେଶ ଓ ଆଭିଜାତ୍ୟ ମଧ୍ୟରୁ କାହାକୁ କାହିଁକି ଅଧିକ ପସନ୍ଦ କରିଥା'ନ୍ତି ?

**ସୃଜନଶୀଳ ପ୍ରଶ୍ନାବଳୀ :**

1. "ପଲ୍ଲୀ ସୁରକ୍ଷା" ଆମ ସାହିତ୍ୟ- ଏହାକୁ ନେଇ ଏକ ପ୍ରଚାର ପତ୍ର ପ୍ରସ୍ତୁତି କର ।
2. ପଲ୍ଲୀକୋଳରେ ଜନ୍ମ ହୋଇଥିବା ଶିକ୍ଷିତ ସମ୍ପ୍ରଦାୟ ଗ୍ରାମବାସୀଙ୍କ ମନ ଓ କର୍ମରୁ ବିଚ୍ୟୁତ ହୋଇଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ?
3. ପଲ୍ଲୀର ଶିକ୍ଷିତ ସମ୍ପ୍ରଦାୟ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତୁଳନା କେତେ ଦୂର ଯୁକ୍ତିଯୁକ୍ତ ବୁଝାଇ ଲେଖ ।
4. "ଜନ୍ମଭୂମି" ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ?
5. "ଆତ୍ମୀୟତା ଥିଲା ଗ୍ରାମ୍ୟ ସଭ୍ୟତାରେ"- "ଜନ୍ମଭୂମି" ପ୍ରବନ୍ଧ ଆଧାରରେ ଏହି ଉକିଟିର ଯଥାର୍ଥ ବିଚାର କର ।
6. ତୁମ "ଜନ୍ମଭୂମି" ସମ୍ପର୍କରେ ଏକ କବିତା ବା ପ୍ରବନ୍ଧ ଲେଖ ।

# ୮. ସଭ୍ୟତା ଓ ବିଜ୍ଞାନ

**ବ୍ୟକ୍ତୀକରଣ-ସୃଜନଶୀଳ:**

1. ବର୍ତ୍ତମାନ ପୃଥିବୀରେ ସଭ୍ୟତାର ଆଦର୍ଶଟି କ'ଣ ?
2. ବୈଜ୍ଞାନିକମାନେ ମାନବକୁ ଧ୍ୱଂସପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ?
3. ପ୍ରାବନ୍ଧିକ ତ୍ୟାଗମାର୍ଗୀ ଓ ଭୋଗମାର୍ଗୀ ଜାତି ମଧ୍ୟରେ ଥିବା ପ୍ରଭେଦକୁ କିପରି ବିଶ୍ଳେଷଣ କରିଛନ୍ତି ?
4. ଭାରତର ବୈଶିଷ୍ଟ୍ୟ ସମ୍ପର୍କରେ କ'ଣ କହିଛନ୍ତି ?
5. ସଭ୍ୟତାର ବିଜ୍ଞାନ କବଳିତ ସ୍ୱରୂପ ଓ ତା'ର ପରିଣତି ସମ୍ପର୍କରେ ପ୍ରାବନ୍ଧିକ କ'ଣ କହିଛନ୍ତି ?
6. ପ୍ରାବନ୍ଧିକ ବିଜ୍ଞାନର ସ୍ୱରୂପ ଓ ପ୍ରଭାବ ସମ୍ପର୍କରେ କ'ଣ କହିଛନ୍ତି ?

**ସୃଜନଶୀଳ ପ୍ରଶ୍ନାବଳୀ :**

1. ବିଜ୍ଞାନର ଉପକାରିତା ବିଷୟରେ ଏକ ପ୍ରବନ୍ଧ ଲେଖ ।
2. ସଭ୍ୟତାକୁ ସମୃଦ୍ଧ କରିବାରେ ଉଭୟ ଜଡବିଜ୍ଞାନର ଯେଉଁ ଭୂମିକା ରହିଛି-ସେ ସମ୍ପର୍କରେ ପ୍ରବନ୍ଧକୁ ଆଧାର କରି ଆଲୋଚନା କର ।
3. ବିଜ୍ଞାନର ବିକଶିତ ରୂପ କିପରି ସଭ୍ୟତାନୁଯାୟୀ ଆଧାରିତ ଓ ପ୍ରଭାବିତ, ତାହା ପଠିତ ପ୍ରବନ୍ଧରୁ ଆକଳନ କର ।

# ୨.ମାତୃଭାଷା ଓ ଲୋକଶିକ୍ଷା

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. "ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତାହା ହୁଏ ନାହିଁ ।" ଉକ୍ତିଟିର ଯଥାର୍ଥ୍ୟ ପ୍ରତିପାଦନ କର ।
2. ପ୍ରାବନ୍ଧିକ ଶିକ୍ଷାର ମାଧ୍ୟମ ଇଂରାଜୀ ହେତୁ ମଣିଷ କିପରି ପ୍ରକୃତ ଜ୍ଞାନଲାଭରୁ ବଞ୍ଚିତ ହେଉଛନ୍ତି ବୋଲି କହିଛନ୍ତି ?

3. ପ୍ରାବନ୍ଧିକ ମାତୃଭାଷାକୁ ଶିକ୍ଷା ଓ ଶାସନର ମାଧ୍ୟମ କରିବା ନିମନ୍ତେ କି ଅଭିମତ ହୋଇଛନ୍ତି ?
4. "ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।" ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।
5. ଆଞ୍ଚଳିକ ଭାଷାର ସୁରକ୍ଷା ସମ୍ପର୍କରେ ଗାନ୍ଧିଜୀ କି ପରାମର୍ଶ ଦେଇଛନ୍ତି ?

**ସୃଜନଶୀଳ ପ୍ରଶ୍ନାବଳୀ :**

1. ମାତୃଭାଷା ଶିକ୍ଷାବିନା ଦେଶ ଓ ଜାତିର ଉନ୍ନତି  ଅସମ୍ଭବ ।- ପଠିତ ବିଷୟାନୁଯାୟୀ  ଆଲୋଚନା କର ।
2. ଓଡିଆମାନେ ନିଜ ମାତୃଭାଷା ପ୍ରତି ଉଦାସୀନ ରହି ନିଜର ଭାଷାମର୍ଯ୍ୟଦା ଓ ନିଜର ଗୌରବହାନି କରୁଛନ୍ତି ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର  ।
3. ମାତୃଭାଷାର ପ୍ରସାର ପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିକୁ ଉଲ୍ଲେଖ କର ।
4. "ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ"- ପ୍ରଚାର ପତ୍ର ପ୍ରସ୍ତୁତି କର  ।
5. " ଜନଜୀବନରେ ମାତୃଭାଷାର ଆବଶ୍ୟକତା" ସମ୍ପର୍କରେ ଜଣାଇ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

# 10. ନରେନ୍‌ରୁ ବିବେକାନନ୍ଦ

**II. ବ୍ୟକ୍ତୀକରଣ-ସୃଜନଶୀଳ:**

1. "ଭାରତୀୟ ଦର୍ଶନରେ , ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।" ଉକ୍ତିଟିର ଯଥାର୍ଥ ପ୍ରତିପାଦନ କର ।
2. ବିବେକାନନ୍ଦ ଭାରତ ଭ୍ରମଣକାଳରେ କ୍ଷୁଧାତୁର ଜନତାର ଦୁଃଖଦ ଅବସ୍ଥା ଦେଖି କିପରି ବ୍ୟଥିତ ହୋଇଥିଲେ? ଉଲ୍ଲେଖ କର ।
3. "ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।" କହିବାର ତାତ୍ପର୍ଯ୍ୟ କ'ଣ ?
4. ବିବେକାନନ୍ଦ ଉଦ୍ଦେଶ୍ୟହୀନ ଭାବରେ ପାଦରେ ଚାଲି ଚାଲି ଭାରତ ସାରା ବୁଲିଥିଲେ କାହିଁକି ?
5. "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ " ଉକ୍ତିଟିର ଯଥାର୍ଥ୍ୟ ପ୍ରତିପାଦନ କର ।

**ସୃଜନଶୀଳ ପ୍ରଶ୍ନାବଳୀ :**

1. ଭାରତ ଭ୍ରମଣରେ ବିବେକାନନ୍ଦଙ୍କ ଉଦ୍ଦେଶ୍ୟ କିପରି ପରିଣତିମୁଖୀ ହୋଇ ପାରିଥିଲା- ଉଲ୍ଲେଖ କର ।
2. ବିବେକାନନ୍ଦଙ୍କ ଚରିତ୍ର ସଂପର୍କରେ ବିଶ୍ଳେଷଣ କର ।
3. ଯେଉଁ ଘଟଣାବଳୀଗୁଡିକ ବିବେକାନନ୍ଦଙ୍କୁ ସମାଜ ସଂସ୍କାରକ ରୂପେ ସ୍ୱୀକୃତି ଦେଇଛି ତାହାର ସ୍ୱରୂପ ବର୍ଣ୍ଣନା କର ।
4. ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନ ସଂପର୍କରେ ଜଣାଇ ସାଙ୍ଗ ନିକଟକୁ ପତ୍ର ଲେଖ ।